ବର୍ଷ-୨୫, ସଂଖ୍ୟା-୦୩
ଭୁବନେଶ୍ୱର
୦୩ ଜାନୁଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 03
Bhubaneswar
03, January, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜିଠୁ ସିଡ୍‌ନୀ ଟେଷ୍ଟ



# ଜାତୀୟ କ୍ରୀଡ଼ା ପୁରସ୍କାର ଘୋଷଣା

**ନୂଆଦିଲ୍ଲୀ, ୨।୧ (ପିଆଇବି):** କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆଜି ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୪ ଘୋଷଣା କରାଯାଇଛି। ଆସନ୍ତା ୧୭ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବେ। ଆବଶ୍ୟକ ଯାଞ୍ଚ ପରେ କମିଟି କରିଥିବା ସୁପାରିସ ଆଧାରରେ ସରକାର ନିମ୍ନଲିଖିତ କ୍ରୀଡ଼ାବିତ, ପ୍ରଶିକ୍ଷକ, ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନଗୁଡ଼ିକୁ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ପାଇଁ ଖେଳରତ୍ନ ସହିତ ୩୨ଜଣଙ୍କୁ ଅର୍ଜୁନ ପୁରସ୍କାର ଏବଂ ତିନିଜଣ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ମୌଲାନା ଅବଦୁଲ କଲାମ ଆଜାଦ ଟ୍ରଫି ମଧ୍ୟ ତିନୋଟି ବିଶ୍ୱବିଦ୍ୟାଳୟ ନାଁ ଘୋଷଣା କରାଯାଇଛି।

ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନଚାନ୍ଦ ପୁରସ୍କାର ବିଶ୍ୱ ଚେସ୍ ଚାମ୍ପିଅନ୍ ଡି ଗୁକେଶ, ଅଲିମ୍ପିକ୍ସରେ ୨ଟି ପଦକ ଜିତିଥିବା ଷ୍ଟାର ଶୁଟର୍ ମନୁ ଭାକର, ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂହ ଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରବୀଣ କୁମାରଙ୍କୁ ମିଳିବ। ବର୍ଷ ୨୦୨୪ରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ୪ ଖେଳାଳିଙ୍କୁ ଖେଳରତ୍ନ ପୁରସ୍କାର ଦିଆଯିବ। ସବୁଠାରୁ ବଡ଼ କଥା ହେଉଛି ଏଥର ଖେଳରତ୍ନ ବା ଅର୍ଜୁନ ପୁରସ୍କାର ପାଇଁ ଚୟନ ହୋଇଥିବା ଖେଳାଳିଙ୍କ ମଧ୍ୟରେ କୌଣସି କ୍ରିକେଟରଙ୍କ ନାଁ ନାହିଁ।

ଅର୍ଜୁନ ପୁରସ୍କାର ପାଇଁ ଘୋଷଣା କରାଯାଇଥିବା କ୍ରୀଡ଼ାବିତମାନେ ହେଲେ ଜ୍ୟୋତି ୟାରାରାଜି (ଆଥଲେଟ), ଅନୁ ରାଣୀ (ଆଥଲେଟ), ନିତୁ (ବକ୍ସି), ସ୍ୱିଟି (ବକ୍ସିଂ), ଭାନତିକା ଅଗ୍ରୱାଲ୍ (ଚେସ), ସଲିମା ଟେଟେ (ହକି), ଅଭିଷେକ (ହକି), ସଞ୍ଜୟ (ହକି), ଜର୍ମନପ୍ରୀତ ସିଂହ (ହକି), ସୁଖଜିତ ସିଂ (ହକି), ରାକେଶ କୁମାର (ପାରା ଆର୍ଚ୍ଚେରୀ), ପ୍ରୀତି ପାଲ୍ (ପାରା ଆଥଲେଟ), ଜୀବନଜି ଦୀପ୍ତି (ପାରା ଆଥଲେଟ), ଅଜିତ ସିଂ (ପାରା ଆଥଲେଟ), ସଚିନ ସର୍ଜେରାଓ ଖିଲାରି (ପାରା ଆଥଲେଟ), ଧର୍ମବୀର (ପାରା ଆଥଲେଟ), ପ୍ରଣବ ସୁରମା (ପାରା ଆଥଲେଟ), ଏଚ୍ ହକାଟୋ ସିମା (ପାରା ଆଥଲେଟ), ସିମ୍ରନ (ପାରା ଆଥଲେଟ), ନବଦୀପ (ପାରା ଆଥଲେଟ), ନିତେଶ କୁମାର (ପାରା ବ୍ୟାଡମିଣ୍ଟନ), ଥୁଲାସିମାଥି ମୁରୁଗୁସେନ୍ (ପାରା ବ୍ୟାଡମିଣ୍ଟନ), ନିତ୍ୟାଶ୍ରୀ ସୁମଥିଶିଭମ (ପାରା ବ୍ୟାଡମିଣ୍ଟନ) , ମନିଷା ରାମଦାସ (ପାରା ବ୍ୟାଡମିଣ୍ଟନ), କପିଲା ପାରମାର (ପାରା ଜୁଡୋ), ମୋନା ଅଗ୍ରୱାଲ୍ (ପାରା ସୁଟିଂ), ରୁବିନା ଫ୍ରାନ୍ସିସ (ପାରା ସୁଟିଂ), ସ୍ୱପ୍ନିଲ ସୁରେଶ କୁସାଲେ (ପାରା ସୁଟିଂ), ସରବଜୋତ ସିଂ (ସୁଟିଂ), ଅଭୟ ସିଂ (ସ୍କ୍ୱାଶ), ସାଜନ ପ୍ରକାଶ (ସନ୍ତରଣ), ଅମନ (ରେସଲିଂ)। ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବାକୁ ଥିବା କୋଚ୍‌ମାନେ ହେଲେ- ସୁବାସ ରାଣା, ଦୀପାଲି ଦେଶପାଣ୍ଡେ, ସନ୍ଦୀପ ସାଙ୍ଗୱାନ୍।

କ୍ରୀଡ଼ାରେ ଉତ୍କର୍ଷତାକୁ ସ୍ୱୀକୃତି ଓ ପୁରସ୍କୃତ କରିବା ପାଇଁ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଏ। ବିଗତ ୪ ବର୍ଷ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ 'ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାର' ପ୍ରଦାନ କରାଯାଇଥାଏ।

**ଡି. ଗୁକେଶ ଓ ମନୁ ଭାକରଙ୍କୁ ଧ୍ୟାନଚାନ୍ଦ ପୁରସ୍କାର**



# ଆଜି ଶପଥ ନେବେ ନୂଆ ରାଜ୍ୟପାଳ

ଭୁବନେଶ୍ୱର/ପୁରୀ, ୨।୧ (ମହାଭାରତ): ଆସନ୍ତାକାଲି ଶପଥ ନେବା ପାଇଁ ଆଜି ଓଡ଼ିଶାରେ ପହଞ୍ଚିଛନ୍ତି ନୂଆ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀମଣ୍ଡଳର ସଦସ୍ୟ। ରାଜଭବନ ପକ୍ଷରୁ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଅପରାହ୍ନରେ ରାଜ୍ୟପାଳ ପୁରୀ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଆସନ୍ତାକାଲି ସକାଳେ ଶ୍ରୀଜିଉଙ୍କୁ ଦର୍ଶନ କରିବା ପରେ ଭୁବନେଶ୍ୱର ଫେରିବେ। ଆସନ୍ତାକାଲି ରାଜଭବନରେ ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି ଶପଥ ନେବା କାର୍ଯ୍ୟକ୍ରମ ରହିଛି।

ନୂଆ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି ଆଜି ପୁରୀ ରାଜଭବନ ରେ ପହଞ୍ଚିବା ପରେ ଡେଜିଗନେଟ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ ବି ଏସ ରାଜପୁତ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ ପି ବିନୀତ ଅଗ୍ରାଲ, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ରାଜ୍ୟପାଳଙ୍କ କମ୍ପଟ୍ରୋଲର ନିତ୍ୟାନନ୍ଦ ବାରିକ ପ୍ରମୁଖ ଡେଜିଗନେଟ ରାଜ୍ୟପାଳଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଡେଜିଗନେଟ ରାଜ୍ୟପାଳ ଓ ରାଜ୍ୟପାଳଙ୍କ ପରିବାରର ସଦସ୍ୟ ମାନେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଦର୍ଶନ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡ. କମ୍ଭମ୍ପତି ରାଜ୍ୟପାଳ ଭାବେ ଶପଥ ନେବା ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ରାଜ୍ୟବାସୀଙ୍କର ବିକାଶ ଓ ସମସ୍ତଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି ଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ସୁଶିଲ କୁମାର ମିଶ୍ର, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ରାଜ୍ୟପାଳଙ୍କ ସୂଚନା ଅଧିକାରୀ ତଥା ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ କୁମାର ବାରିକ, ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ, ରାଜ୍ୟପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଡେଜିଗନେଟ ରାଜ୍ୟପାଳଙ୍କୁ ରାଜଭବନରେ ଗାର୍ଡ଼ ଅଫ ଅନର ପ୍ରଦାନ କରାଯାଇଥିଲା।



# ବାର୍‌ରେ ଗୁଳିମାଡ଼, ୧୦ ମୃତ

ନୂଆଦିଲ୍ଲୀ, ୨।୧: ନୂଆବର୍ଷରେ ୟୁରୋପୀୟ ଦେଶରେ ଅଘଟଣ ଘଟିଛି। ଝଗଡ଼ା ପରେ ହେଲା ଆଖିବୁଜା ଗୁଳିମାଡ ହେବାରୁ ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ଗୁରୁତର ହୋଇଛନ୍ତି। ୟୁରୋପୀୟ ଦେଶ ମୋଣ୍ଟେନେଗ୍ରୋ ସେଟିନ[illegible]ର ଏକ ବାର୍‌ରେ ଏହି ଘଟଣା ଘଟିଛି। ପଶ୍ଚିମ ମୋଣ୍ଟେନେଗ୍ରିନ୍ ସହରର ଏକ ବାରରେ ସଂଘର୍ଷ ପରେ ବୁଧବାର ଦିନ ଗୁଳିମାଡ଼ ହୋଇଛି। ଏଥିରେ ଦୁଇ ଶିଶୁଙ୍କ ସମେତ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଚାରି ଜଣ ଗୁରୁତର ଆହତ ହୋଇଛନ୍ତି। ସେସାମନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛି।ପୋଡଗୋରିକା ଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ସେଟିନଜ୍ଞିରେ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ପଠାଇଛି। ଏଥିସହ ସହର ଭିତରକୁ ଓ ବାହାରକୁ ଯାଉଥିବା ରାସ୍ତାକୁ ପୁଲିସ ସମ୍ପୂର୍ଣ୍ଣ ବ୍ଲକ୍ କରିଛି।

# ମୋହନଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୨।୧ (ମହାଭାରତ):: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ଅଦିନିଆ ବର୍ଷାରେ ଚାଷ କ୍ଷତି ଭରଣା ପାଇଁ ଏହି ଚିଠି ଜରିଆରେ ଦାବି ଜଣାଇଛନ୍ତି ନବୀନ। ନବୀନ ଲେଖିଛନ୍ତି, ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାର କ୍ଷତିପୂରଣ ଦିଅନ୍ତୁ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମଧ୍ୟ ଦାବି କରିଛନ୍ତି ନବୀନ।ଅନ୍ୟପକ୍ଷରେ ମୋହନ ମଧ୍ୟ ଆଜି ନବୀନଙ୍କ ନାଁ ନ ନେଇ କଡ଼ା ଟାର୍ଗେଟ୍ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର କିଛି ଲୋକଙ୍କୁ ବାଧ୍ୟ କରିଦେଲା ଯେ, ସେମାନେ ନିଜ ବିଳାସପୂର୍ଣ୍ଣ ଟାୱାରରୁ ବାହାରି ବିଲ ମୁଣ୍ଡକୁ ଯାଇଛନ୍ତି। ଯେଉଁମାନେ ପୂର୍ବରୁ ଦାୟିତ୍ୱ ନେଇ କାମ କରୁଥିଲେ, ସେମାନଙ୍କୁ ଲୋକ ଭେଟି ପାରୁ ନ ଥିଲେ ।ଆଜି ସେମାନେ ଲୋକଙ୍କ ପାଖକୁ ଯାଉଛନ୍ତି। ଆମ ସରକାରର କାର୍ଯ୍ୟ ଶୈଳୀ ଦେଖି ସେମାନଙ୍କ ମନରେ ଭୟ ଜାଗିଛି। ସେମାନେ ବ୍ୟତିବ୍ୟସ୍ତ ହୋଇ ଆଜି ଆଇଭୋରି ଟାୱାରରୁ ବାହାରି ଗାଁ ଦାଣ୍ଡ ଧୂଳି ଖାଇବାକୁ ବାଧ୍ୟ ହେଉଛନ୍ତି ବୋଲି ସ୍ୱାଧୀନତା ସଂଗ୍ରାମୀ ମଞ୍ଚରୁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଟାର୍ଗେଟ କରି କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ

**ପେନସନ ବୃଦ୍ଧି ଘୋଷଣା**

## 'ସଂଗ୍ରାମୀଙ୍କ ତ୍ୟାଗର ମୂଲ୍ୟ କେହି ଦେଇ ପାରିବେ ନାହିଁ'

**ଭୁବନେଶ୍ୱର, ୨।୧ (ମହାଭାରତ):** ସ୍ୱାଧୀନତା ସଂଗ୍ରାମୀ ମାନେ ଆମର ଅମୂଲ୍ୟ ରତ୍ନ। ସେମାନେ ଯେଉଁ ତ୍ୟାଗ କରିଛନ୍ତି ତାର ମୂଲ୍ୟ କେହି ଦେଇ ପାରିବେ ନାହିଁ। ଆମେ କେବଳ ତାଙ୍କୁ ସମ୍ମାନ ଦେଇ ପାରିବା ଏବଂ ସେମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ସଦନ ପଡିଆଠାରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନାର୍ଥେ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନସନକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ରାଜ୍ୟର ଜେଲ୍ ଯାଇଥିବା (ବନ୍ଦୀ) ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପେନସନକୁ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନେ ପୂର୍ବରୁ ୯ ହଜାର ଟଙ୍କା ପାଉଥିବାବେଳେ ଏବେ ମାସକୁ ୧୫ ହଜାର ଟଙ୍କା ପାଇବେ। କେନ୍ଦ୍ର ସରକାରଙ୍କ ପେନ୍‌ସନ୍ ପାଉଥିବା ସଂଗ୍ରାମୀମାନଙ୍କୁ (କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ରତା ସୈନିକ ସମ୍ମାନ) ରାଜ୍ୟ ସରକାର ମାସକୁ ଅତିରିକ୍ତ ୮ ହଜାର ଟଙ୍କା ପ୍ରତୀକ ଭତ୍ତା ପ୍ରଦାନ କରୁଥିଲେ। ଏହି ଭତ୍ତାକୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ସେହିପରି ଜରୁରୀ କାଳୀନ ପରିସ୍ଥିତିକୁ ଗଣତନ୍ତ୍ରର ଏକ କଳା ଦାଗ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ସମୟରେ ଜରୁରୀ କାଳୀନ ପରିସ୍ଥିତିକୁ ବିରୋଧ କରି ମିସା ଆଇନରେ ଗିରଫ ହୋଇଥିବା ସମସ୍ତ ସଂଗ୍ରାମୀ ମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନସନ ପ୍ରଦାନ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଶାର ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଦିବସକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଭାବେ ପାଳନ କରାଯାଉଛି। ଡଃ ମହତାବଙ୍କ କୃତି ଓ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଏବଂ ତାଙ୍କ ଅବଦାନର ସମ୍ମାନାର୍ଥେ ଚଳିତ ବର୍ଷ ଡଃ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ରାଜ୍ୟ ତଥା ରାଷ୍ଟ୍ରସ୍ତରରେ ଏକ ବର୍ଷବ୍ୟାପୀ ପାଳନ କରାଯାଉଛି। ଡଃ ମହତାବଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ତାଙ୍କ ଜୀବନୀ ଉପରେ ବାୟୋପିକ୍ ନିର୍ମାଣ କରାଯିବ। ତାଙ୍କ ରଚିତ ପୁସ୍ତକ ଓ ଆଲେଖ୍ୟ ଗୁଡ଼ିକର ବିଭିନ୍ନ ଭାଷାରେ ପୁନଃ ପ୍ରକାଶନ, ତାଙ୍କ ଜନ୍ମସ୍ଥାନ ଅଗରପଡାରେ ମେମୋରିଅଲ ପ୍ରତିଷ୍ଠା, ତାଙ୍କ ଜୀବନୀ ଉପରେ ଗବେଷଣା ଆଦି ଅନେକ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ କରାଯିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଭାରତର ସ୍ୱାଧୀନତା ସଂଗ୍ରାମ ସ୍ୱତନ୍ତ୍ର ଓ ଅନନ୍ୟ। ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମର ମୁଖ୍ୟଧାରା ବିଷୟରେ ଆମେ ସମସ୍ତେ ଜାଣିଛେ। କିନ୍ତୁ, ଏହା ସହିତ ଭାରତ ବର୍ଷରେ ଆହୁରି ଅନେକ ମହାନ ବ୍ୟକ୍ତି ନିଜ ନିଜ ବିଚାରଧାରାରେ ଆନ୍ଦୋଳନ କରୁଥିଲେ। ଆମେ ସେମାନଙ୍କ କଥା ଜାଣିନାହୁଁ। ଇତିହାସରେ ସେମାନେ ସଠିକ୍ ଭାବେ ସ୍ଥାନୀତ ହୋଇ ନାହାନ୍ତି। ଏହି ବୀର ସଂଗ୍ରାମୀମାନେ ନିଜ ପାଇଁ କିମ୍ବା ଇତିହାସ ପୃଷ୍ଠାରେ ସ୍ଥାନ ପାଇବା ପାଇଁ ପ୍ରାଣବଳୀ କିମ୍ବା ତ୍ୟାଗ ଦେଇନଥିଲେ। ତାଙ୍କ ପାଇଁ ଦେଶ ଓ ଦେଶର ସ୍ୱାଧୀନତା ସବୁକିଛି ଥିଲା। ଆଜି ସମୟ ଆସିଛି ଜନସାଧାରଣ ତାଙ୍କ ବିଷୟରେ ଜାଣିବା ପାଇଁ। କାରଣ ଏକ ସମାଜ ପାଇଁ ତାର ଇତିହାସ ହେଉଛି ସବୁଠାରୁ ବଡ ଶିକ୍ଷା। ଯଦି ଆମେ ଆମର ଇତିହାସକୁ ସ୍ମରଣ ନକରିବା ତେବେ ଆମର ବର୍ତ୍ତମାନ ମୂଲ୍ୟହୀନ ଓ ଭବିଷ୍ୟତ ଅନ୍ଧକାରମୟ ହେବ।





# ଇତିହାସକୁ ବଦଳାଇଲା ବାଂଲାଦେଶ

ଢାକା, ୨।୧ (ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାର ଦେଶର ଇତିହାସ ବଦଳାଇ ଦେଇଛି। ବାଂଲାଦେଶ ସରକାର ପିଲାଙ୍କ ପାଠ୍ୟ ପୁସ୍ତକରେ ଇତିହାସକୁ ବଦଳାଇ ଦେଇଛନ୍ତି। ବାଂଲାଦେଶର ପ୍ରତିଷ୍ଠାତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମନ ୧୯୭୧ରେ ବାଂଲାଦେଶରେ ସ୍ୱାଧୀନତା ଘୋଷଣା କରିଥିଲେ ବୋଲି ପୂର୍ବରୁ ଇତିହାସରେ ବର୍ଣ୍ଣିତ ଥିଲା। କିନ୍ତୁ ଏବେ ସରକାର ପ୍ରଚଳନ କରିଥିବା ଇତିହାସରେ ଜିଆଉର ରହମନ ୧୯୭୧ରେ ବାଂଲାଦେଶରେ ସ୍ୱାଧୀନତା ଘୋଷଣା କରିଥିଲେ ବୋଲି ଉଲ୍ଲେଖ କରାଯାଇଛି।

ପ୍ରାଥମିକ ଓ ଉଚ୍ଚଶିକ୍ଷାର ପିଲାମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବହିରେ ଇତିହାସକୁ ନେଇ ଅନେକ ପରିବର୍ତ୍ତନ କରାଯାଇଛି। ପାଠ୍ୟପୁସ୍ତକରେ ମୁଜିବୁର ରହମନଙ୍କ ପାଇଁ ଥିବା ଜାତିର ପିତା ଆଖ୍ୟାକୁ ମଧ୍ୟ ହଟାଇ ଦେଇଛନ୍ତି। ୨୦୨୫ ଶିକ୍ଷାବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବହିରେ କୁହାଯାଇଛି ଯେ ୧୯୭୧ ମସିହା ମାର୍ଚ୍ଚ ୨୬ ଜିଆଉର ରହମନ ବାଂଲାଦେଶର ସ୍ୱାଧୀନତା ଘୋଷଣା କରିଥିଲେ। ବଙ୍ଗବନ୍ଧୁ ପକ୍ଷରୁ ସେ ମାର୍ଚ୍ଚ ୨୭ରେ ଆଉ ଏକ ଘୋଷଣା କରିଥିଲେ। ପୂର୍ବରୁ ଥିବା ଇତିହାସରେ ସତ୍ୟତା ନଥିଲା। ଏହାକୁ ଜାଣିଶୁଣି ଇତିହାସରେ ସ୍ଥାନ ଦିଆଯାଇଥିଲା ବୋଲି ଏହା ପଛରେ ଥିବା ତଥାକଥିତ ଲେଖକ ଓ ଗବେଷକ ରଖାଲ ରାହ କହିଛନ୍ତି।ଏଥିରେ କୁହାଯାଇଛି ଯେ ପାଠ୍ୟପୁସ୍ତକରେ ଥିବା ତଥ୍ୟକୁ ଯାଞ୍ଚ କରିଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଶେଖ ମୁଜିବୁର ରହମାନ ସ୍ୱାଧୀନତା ସମ୍ପର୍କରେ ୱାୟାରଲେସ ମେସେଜରେ କୌଣସି ସତ୍ୟତା ନାହିଁ। କାରଣ ପାକିସ୍ତାନ ଆର୍ମି ତାଙ୍କୁ ଗିରଫ କରିଥିଲା ବେଳେ ସେପରି କିଛି ଘଟଣା ଘଟିନାହିଁ। ତେଣୁ ଏହି କଥାକୁ ଗବେଷକମାନେ ବହିରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସମସ୍ତେ ପୂର୍ବରୁ ବିଶ୍ୱାସ କରୁଥିଲେ ଯେ ମୁଜିବୁରଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଆର୍ମି ମେଜର ଜିଆଉର ରହମନ ସ୍ୱାଧୀନତାର ଘୋଷଣାପତ୍ର ପଢ଼ିଥିଲେ। ତେଣୁ ତାଙ୍କର କୌଣସି ପ୍ରକାରର ଭୂମିକା ନାହିଁ।



# ଧାନ କିଣା ତ୍ୱରିତ କଲେ ସରକାର

**ଭୁବନେଶ୍ୱର, ୨।୧ (ମହାଭାରତ):** ଚଳିତ ଖରିଫ ଋତୁରେ ରାଜ୍ୟରେ ଯାରି ଧାନ କିଣା ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି। ବର୍ତ୍ତମାନ ବରଗଡ଼, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, ଦେବଗଡ଼, ଝାରସୁଗୁଡା, କେଉଁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡ, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ସମେତ ୧୮ଟି ଜିଲ୍ଲା ଧାନ କିଣା ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର ଅନ୍ୟ ଜିଲ୍ଲାରେ ଏହି ଧାନ କିଣା ଆରମ୍ଭ କରାଯିବ। ଏଥିପାଇଁ ସମ୍ପୃକ୍ତ ଜିଲାରେ ବ୍ୟାପକ ପ୍ରସ୍ତୁତି ଯାରି ରହିଛି। ଏତଦବ୍ୟତୀତ ପଞ୍ଜିକୃତ ଚାଷୀ ମାନଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଟୋକନ ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ, ବର୍ତ୍ତମାନ ଏହି ଜିଲ୍ଲା ଗୁଡିକରେ ୧୫୯୧ଟି ମଣ୍ଡିରେ ଧାନ କିଣା ଯାରି ରହିଛି।

ସେହିଭଳି ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ଧାନ କିଣା ପ୍ରକ୍ରିୟା ଉପରେ ନଜର ରଖିବା ସହ ଧାନ ସଂଗ୍ରହ ପ୍ରକିୟାକୁ ଯାଞ୍ଚ କରୁଛନ୍ତି। ବାହାର ରାଜ୍ୟର ଧାନ ଗାଡି ଏବଂ ଧାନ କିଣା ସମୟରେ ଆବଶ୍ୟକତା ଠାରୁ ଅଧିକ ଧାନ ରଖୁଥିବା ବ୍ୟବସାୟୀଙ୍କ ଉପରେ କଡା ନଜର ରଖାଯାଇଛି। ଏଥିନିମନ୍ତେ ଏହି ସବୁ ଜିଲ୍ଲାରେ ୧୯୦ଜଣ ଇନଫୋର୍ସମେଂଟ ଅଧିକାରୀ ନିଯୁକ୍ତ ଅଛନ୍ତି। ଏଭଳି ଘଟଣା ଜଣାପଡିବା ପରେ ତ୍ୱରିତ ପଦକ୍ଷେପ ନିଆଯାଉଛି। ଏଥିନିମନ୍ତେ ସମ୍ପୃକ୍ତ ଅଧିକାରୀ ମାନେ ଦିନରାତି ସେମାନଙ୍କ କାର୍ଯ୍ୟ ତୁଲାଉଛନ୍ତି। ଧାନ ବିକିବାର ୪୮ ଘଂଟା ମଧ୍ୟରେ ସେମାନଙ୍କ ଆକାଉଂଟକୁ ସର୍ବନିମ୍ନ ସହାୟତା ରାଶି ସହ ଇନପୁଟ ସହାୟତା ପ୍ରଦାନ କରାଯାଉଛି।ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଧାନ ବିକ୍ରୟ ଅର୍ଥ ରାଶି ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନିଆଯାଉଛି। ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର, ୨।୧ (ମହାଭାରତ): ରାଜ୍ୟ ସରକାର ଭାରତୀୟ ପ୍ରଶାସନିକ ସେବା ସ୍ତରରେ ସାମାନ୍ୟ ଅଦଳ ବଦଳ କରିଛନ୍ତି। ୫ ଜଣ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱରେ ଅଦଳ ବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ୨୦୧୧ ବ୍ୟାଚର ଅଧିକାରୀ ଅରିନ୍ଦମ ଡାକୁଆଙ୍କୁ ପୌର ପ୍ରଶାସକ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି। ରାଜ୍ୟପାଳଙ୍କ ସଚିବ ଭାବେ କାର୍ଯ୍ୟରତ ୧୯୯୯ ବ୍ୟାଚର ଭାରତୀୟ ପ୍ରଶାସନିକ ଅଧିକାରୀ ଏନବିଏସ ରାଜପୁତଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିବା ୨୦୦୦ ବ୍ୟାଚର ଅଧିକାରୀ ତେମଜେନପାଙ୍ଗ ଆଓଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଇପିକଲର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ବିଏସ ପୁନିଆଙ୍କୁ ସ୍କିଲ ଡେଭଲପମେଂଟ ବିଭାଗର କମିଶନର ଏବଂ ସଚିବର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରେମଚନ୍ଦ ଚୌଧୁରୀଙ୍କୁ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଗଡ଼ିବନି ଓଡ଼ିଶାର ପ୍ରଜ୍ଞାପନ ମେଢ଼ !

**ଭୁବନେଶ୍ୱର, ୨।୧ (ମହାଭାରତ):** ରାଜ୍ୟ ଓ କେନ୍ଦ୍ରରେ ବିଜେପିର ଡବଲଇଞ୍ଜିନ ସରକାର ସତ୍ତ୍ୱେ ବି ଏଥର ଦିଲ୍ଲୀ କର୍ତ୍ତବ୍ୟପଥରେ ଗଡିବନି ଓଡ଼ିଶା ପ୍ରଜ୍ଞାପନ ମେଢ଼। ଓଡିଶା ପକ୍ଷରୁ ଦିଆଯାଇଥିବା ମଡେଲକୁ ଖାରଜ କରିଦେଇଛି କେନ୍ଦ୍ର। ଫଳରେ ଓଡ଼ିଶାର ମହାନ କଳା ଓ ସଂସ୍କୃତିର ଝଲକ ଏଥର ଦେଖିବାରୁ ବଂଚିତ ହେବେ। ଏଥର ଓଡିଶା ପକ୍ଷରୁ ମାଣିଆବନ୍ଧ ଶାଢୀ ହସ୍ତଶିଳ୍ପ ଓ ମନ୍ଦିରମାଳିନୀ ଭୁବନେଶ୍ୱର ମଡେଲ ପ୍ରଦାନ କରାଯାଇଥିଲା। ହେଲେ ତାକୁ ଖାରଜ କରିଦେଇଛନ୍ତି କେନ୍ଦ୍ର ସରକାର। ଚଳିତବର୍ଷ ୧୫ଟି ରାଜ୍ୟର ପ୍ରଜ୍ଞାପନ ମେଢ ଜାନୁଆରୀ ୨୬ ପରେଡରେ ସାମିଲ ହେବ। ୧୫ଟି ରାଜ୍ୟ ମଧ୍ୟରେ ଓଡିଶା ନାହିଁ। ଏହାସହ ୧୧ଟି ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରାଳୟର ମଡେଲ ମଧ୍ୟ ପରେଡରେ ସାମିଲ ହେବ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଶା ସରକାରଙ୍କୁ ଏକ ଚିଠି ଆସିଛି। ଯେଉଁଥିରେ କର୍ତ୍ତବ୍ୟପଥରେ ଗଡିବା ପାଇଁ ଚୂଡାନ୍ତ ହୋଇଥିବ ତାଲିକାରେ ଓଡ଼ିଶାର ନାଁ ନାହିଁ। ଅର୍ଥାତ ଓଡ଼ିଶା ପକ୍ଷରୁ ଦିଆଯାଇଥିବା ମଡେଲକୁ ଖାରଜ କରି ଦେଇଛି କେନ୍ଦ୍ର।



ଏଥର ଓଡ଼ିଶା ପକ୍ଷରୁ ଶାଢ଼ୀ ହସ୍ତଶିଳ୍ପର ମଡେଲ ପ୍ରଦାନ କରାଯାଇଥିଲା। ମାଣିଆବନ୍ଧଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ସ୍ଥାନରେ ତିଆରି ହେଉଥିବା ପାରମ୍ପରିକ ଶାଢ଼ୀକୁ ଏଥିରେ ସ୍ଥାନିତ କରାଯାଇଥିଲା। ହେଲେ ଏଥର କର୍ତ୍ତବ୍ୟପଥରେ ପ୍ରଦର୍ଶନ ପାଇଁ ସ୍ଥାନ ମିଳି ନାହିଁ। ଡବଲ ସରକାର ଥାଇ ବି ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ଥାନ ନପାଇବାକୁ ନେଇ ପ୍ରଶ୍ନ ଉଠିଛି।

ତେବେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଏଥର ଭାରତପର୍ବରେ ସାମିଲ ହୋଇପାରେ ବୋଲି କୁହାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ମେଢ଼ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନି। ପ୍ରଶ୍ନ ଉଠୁଛି, ପୂର୍ବ ବର୍ଷ ପ୍ରଥମ ପୁରସ୍କାର ପାଇଥିବା ଓଡ଼ିଶାର ମେଢ଼ ଏଥର ବାଦ ପଡିଲା କେମିତି ? କେଉଁ ଆଧାରରେ କେନ୍ଦ୍ରସରକାର ଓଡ଼ିଶାକୁ ବାଦ ଦେଲେ ?

# ଆମେରିକାରେ ୩ ଆକ୍ରମଣ

ୱାଶିଂଟନ, ୨।୧ (ମହାଭାରତ): ଆଉ କିଛି ଦିନ ପରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ନୂଆବର୍ଷରେ ଆତଙ୍କବାଦୀମାନେ ସାଧାରଣ ଲୋକଙ୍କୁ ଟାର୍ଗେଟ କରି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ତୃତୀୟ ଆକ୍ରମଣ ହୋଇଛି। ଏହି ଘଟଣାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିଛନ୍ତି।

ନ୍ୟୁୟର୍କର ଏକ ନାଇଟ୍ କ୍ଲବ୍‌ରେ ଗଣ ଗୁଳିଚାଳନାର ଏକ ଘଟଣା ସାମ୍ନାକୁ ଆସିଛି। ଯାହାଦ୍ୱାରା ଏବେ ଭିତରେ ୧୧ ଜଣ ଲୋକ ଆହତ ହୋଇଥିବାର ସୂଚନା ମିଳିଛି। ଏହି ଘଟଣା ନ୍ୟୁୟର୍କର କୁଇନ୍ସ ସହରର ଅମାଟୁରି ନାଇଟ୍ କ୍ଲବ୍‌ରେ ଘଟିଛି। ଏହାପୂର୍ବରୁ ନ୍ୟୁ ଅର୍ଲିନ୍ସରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅନେକ ଲୋକଙ୍କ ଉପରେ ଚଢ଼ି ଯାଇଥିଲା। ଯାହାଫଳରେ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏହାର କିଛି ଘଣ୍ଟା ପରେ ଲସ୍ ବେଗାସ୍‌ର ଟ୍ରମ୍ପ୍ ଇଣ୍ଟରନେସ୍‌ନାଲ୍ ହୋଟେଲ୍‌ର ଠିକ୍ ବାହାରେ ଟେସ୍‌ଲାର ସାଇବରଟ୍ରକ୍ ଉପରେ ଆକ୍ରଣମ ହୋଇଥିଲା। ଏହି ଦୁଇ ଘଟଣା ଘଟିବାର ୨୪ ଘଣ୍ଟା ଭିତରେ ହିଁ ତୃତୀୟ ଆକ୍ରମଣ ଘଟିଛି।

ଏହି ଘଟଣା ଘଟିବା ପରେ ନ୍ୟୁୟର୍କ ପୁଲିସ୍ ବିଭାଗର ଅନେକ ୟୁନିଟ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୋସିଆଲ୍ ମିଡିଆରେ ପୋଷ୍ଟ୍ ହୋଇଥିବା ଭିଡିଓରେ ପୁଲିସ୍ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ତେବେ ନ୍ୟୁୟର୍କ ପୁଲିସ୍ ଏବେ ସୁଦ୍ଧା ଏନେଇ କୌଣସି ସୂଚନା ପ୍ରକାଶ କରିନାହିଁ। ଏହି ନାଇଟ୍ କ୍ଲବ୍‌କୁ ସହରର ସବୁଠାରୁ ବେଶି ହାଇ-ଏନର୍ଜି ନାଇଟ୍ ସ୍ପଟ୍ ଭିତରୁ ଅନ୍ୟତମ ବୋଲି ବିବେଚନା କରାଯାଏ।







## ବ୍ରେଡ ଉତ୍ତପମ

**ଆବଶ୍ୟକୀୟ ସାମଗ୍ରୀ :** ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତ ପ୍ରଣାଳୀ :** ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଚର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।



### ପରଦା ଖବର

# ୧୨ରେ ମୁକ୍ତିଲାଭ କରିବ ରଙ୍ଗଶୁର



ପ୍ରକାଶ ଫିଲ୍ମସ୍ ଏବଂ ମୁନ୍ ଟିଭି ମୁଭିଜ୍ ପ୍ରଯୋଜନାରେ ନିର୍ମିତ ଓଡ଼ିଆ ଫିଲ୍ମ 'ରଙ୍ଗଶୁର' ଜାନୁଆରି ୧୨ରେ ମୁକ୍ତିଲାଭ କରିବ। 'ରଙ୍ଗଶୁର' ରାଜ୍ୟର ପାରମ୍ପରିକ ଲୋକନୃତ୍ୟ 'ବାଘନାଚ' ଏବଂ ନାରୀ ସଶକ୍ତୀକରଣ ଉପରେ ଆଧାରିତ ଭିନ୍ନ ଧରଣର ଓଡ଼ିଆ ଫିଲ୍ମ। ଏହି ନୃତ୍ୟ କେବଳ ଅନ୍ତବସ୍ତ୍ର ପରିଧାନ କରି ଦେହରେ ରଙ୍ଗ ବୋଳି ପରିବେଷଣ କରାଯାଏ। ତେବେ ଜଣେ ଝିଅ ଦେହରେ ରଙ୍ଗ ଲଗାଇ ନୃତ୍ୟ କରୁଛି ଓ ଜଙ୍ଗଲକୁ କେମିତି ସୁରକ୍ଷା ଦେଉଛି, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ କାହାଣୀ। ''ବାଘ ବଞ୍ଚିଲେ ବଞ୍ଚିବ ଜଙ୍ଗଲ, ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବୁ'' ଭଳି ଏକ ବଡ଼ ବାର୍ତ୍ତା ଦେଇଛି ଏହି ଫିଲ୍ମ। ଅଭିନୟରେ ଅଭିଜ୍ଞ ଅଭିନେତା ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ ଓ ଶୁଭଶ୍ରୀ ପ୍ରମୁଖ ଅଭିନୟ କରିଛନ୍ତି। ଏହାର କାହାଣୀ, ଚିତ୍ରତ୍ତୋଳନ ଓ ନିର୍ଦ୍ଦେଶନା ଦେଇଛନ୍ତି ପ୍ରତାପ ରାଉତ। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନୟ ସଙ୍ଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଓ ବାନି। ପ୍ରଚାର ଓ ପ୍ରସାରରେ ପ୍ରଣ। ଜେଠୀ ଓ ସମ୍ବିତ ଜେନା ଅଛନ୍ତି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛି ପ୍ରଯୋଜନା ସଂସ୍ଥାୟ ଏଥିରେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଶାନ୍ତ ବେହେରା, ବିନି ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରତାପ ରାଉତ, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଅଭିନେତା ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶୁଭଶ୍ରୀ ନାୟକ ଓ ସମ୍ବିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ୍ୟ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ୍ୟ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

# ଜଣେ ମହାନ ତପସ୍ୱୀର ଗୁଣ



ଜଣେ ଋଷି ତପସ୍ୟାରତ ଥିଲେ । ବର୍ଷ ପରେ ବର୍ଷ ବିତିଯିବା ପରେ ମଧ୍ୟ ତପସ୍ୱୀ ଜଣକ ନିରବିଚ୍ଛିନ୍ନ ଭାବେ ତପ କରିଚାଲିଥିଲେ । ତପସ୍ୟାର ପୂଣ୍ୟରୁ ଧୀରେ ଧୀରେ ତାଙ୍କ ଶରୀର ପରିଷ୍କୃତ ହେଲା, ଚିତ୍ତ ଶୁଦ୍ଧ ହେବାରେ ଲାଗିଲା । ସେହି ଋଷିଙ୍କ ଅନ୍ତକରଣରେ ସତ୍ତ୍ୱୋଗୁଣ ବିରାଜମାନ କରିବା ସହ ଏହାର ପ୍ରଭାବ ବୃଦ୍ଧି ପାଇଲା । ଧୀରେ ଧୀରେ ଋଷିଙ୍କ ତପଶକ୍ତିର ପ୍ରଭାବ ସ୍ୱର୍ଗଲୋକରେ ପହଞ୍ଚିଲା ।

ଦେବରାଜ ଇନ୍ଦ୍ର ଚିନ୍ତିତ ହୋଇପଡ଼ିଲେ । ସେ ନିଜ ଅଧିକାର କ୍ଷେତ୍ର ହରାଇବା ଭୟରେ ଶଙ୍କାଗ୍ରସ୍ତ ହୋଇପଡ଼ିଲେ । ସେହି ଋଷିଙ୍କ ସମ୍ମୁଖରେ ପ୍ରକଟ ହୋଇ ଦେବରାଜ ତାଙ୍କୁ ନିବେଦନ କଲେ 'ହେ ଋଷିବର ଆପଣଙ୍କ ତପସ୍ୟାର ତୀବ୍ରତା ଅଳ୍ପ ହ୍ରାସ କରନ୍ତୁ । ଆପଣଙ୍କ ପୂଣ୍ୟବଳ ବଢ଼ିଗଲେ ମୋ । ପଦବୀ ଆପଣଙ୍କ ନିକଟକୁ ଚାଲିଯାଇପାରେ ।

ଋଷି ଜଣକ ସ୍ମିତ ହସି କହିଲେ 'ଦେବରାଜ ! ମୋ ତପସ୍ୟାର ଉଦ୍ଦେଶ୍ୟ ବ୍ୟକ୍ତିତ୍ୱକୁ ସ୍ୱଚ୍ଛ କରିବା ଏବଂ ପରମାତ୍ମାଙ୍କର ଆହୁରି ନିକଟତର ହେବା । କୌଣସି ପଦବୀ ଆଶାରେ ମୁଁ ଏହି ତପସ୍ୟା କରୁନାହିଁ । ଆପଣ ନିଶ୍ଚନ୍ତ ହୋଇ ନିଜ ରାଜ୍ୟ ଶାସନ ଜାରି ରଖନ୍ତୁ । ସିଦ୍ଧି ପ୍ରାପ୍ତି ନୁହେଁ, ବରଂ ଧର୍ମନିଷ୍ଠ ଜୀବନଶୈଳୀ ପାଳନ ଉଦ୍ଦେଶ୍ୟରେ ତପସ୍ୟା କରାଯିବା ଉଚିତ୍ । ତାଙ୍କ କଥା ଶୁଣି ଇନ୍ଦ୍ରଦେବ କହିଲେ, ବାସ୍ତବରେ ଆପଣ ଜଣେ ମହାନ ତପସ୍ୱୀ । ଯାହା ଆପଣଙ୍କ ଗୁଣରୁ ପ୍ରକଟ ହେଉଛି ।

# ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା



ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ୍ୟ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ୍ୟ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ୍ୟ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।

# ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି ପାଇଁ କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ



ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ। ଜାଣନ୍ତୁ..

- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟନ୍ତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା , ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।
- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁ। ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ବା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର , ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏ। ସୋମବାର , ଗୁରୁବାର ପୂର୍ବ , ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ବୁଧବାର , ଶନିବାର ପୂର୍ବ , ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ। ବୁଧବାର ଉତ୍ତର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡୁ ଖାଇ ଯାଆନ୍ତୁ।
- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ। ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।
- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।
- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।

# ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨।୧ (ମହାଭାରତ): ଆମ ଦେଶ ପରାଧୀନ ଥିବାବେଳେ ବିଦେଶୀ ଶାସନର ଅତ୍ୟାଚାର ନିପୀଡ଼ନ ଓ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରି ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ ବୀର ସଂଗ୍ରାମୀମାନେ ନିଜ ଜୀବନକୁ ବାଜି ଲଗାଇ ମୁକ୍ତି ସଂଗ୍ରାମର ମଶାଲ ପ୍ରଜ୍ୱଳିତ କରି ରଖିଥିଲେ ସେମାନଙ୍କ ମଧ୍ୟରେ ଡ. ହରେକୃଷ୍ଣ ମହତାବ ଥିଲେ ଅଗ୍ରଗଣ୍ୟ । ସେ ଏକାଧାରରେ ଥିଲେ ରାଷ୍ଟ୍ରନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସମାଜସେବକ, କବି, ସାହିତ୍ୟିକ, ରାଜନୀତିଜ୍ଞ, କୁଟନୀତିଜ୍ଞ, ସାମ୍ବାଦିକ, ନିର୍ଭୀକ କରିତ୍ ?କର୍ମା ତଥା ନବ ଉତ୍କଳର ନିର୍ମାତା । ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ଡ. ମହତାବ ଜଣେ ବ୍ୟକ୍ତିବିଶେଷ ନଥିଲେ । ସେ ଥିଲେ ଓଡ଼ିଶାର ଏକ ବହୁମୁଖୀ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ, ଏପରିକି ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତାର ପରିସ୍ଫୁଟନ ହେଉଥିଲା । ଯଥାର୍ଥରେ ସେ ଥିଲେ ଉତ୍କଳକେଶରୀ । ଓଡ଼ିଶାର ପ୍ରାଣ ଡ. ମହତାବ ଜଣେ ସୁଯୋଗ୍ୟ କର୍ମବୀର ଓ ସ୍ୱାଭିମାନର ମହାନାୟକ ଥିଲେ । ପ୍ରଚଣ୍ଡ ପ୍ରତିଭାଧାରୀ ଡ. ମହତାବଙ୍କ ଦାନ ଅବିସ୍ମରଣୀୟ । ୧୯୮୭ ମସିହା ଜାନୁଆରୀ ୨ ତାରିଖରେ ତାଙ୍କର କର୍ମମୟ ଜୀବନର ଅବସାନ ଘଟିଲା।

ସ୍ୱର୍ଗତ ଡକଫର ହରେକୃଷ୍ଣ ମହତାବଙ୍କ ୩୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଓଡ଼ିଶା ବିଧାନସଭା ପରିସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ, ସରକାରୀ ଦଳ ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଶ୍ରୀ ବାବୁ ସିଂ, ଶ୍ରୀ ଅଖିଳ ଚନ୍ଦ୍ର ନାୟକ, ଶ୍ରୀ ନୀଳମଣି ବିଶୋଇ, ବିଧାନସଭାର ସଚିବ ଶ୍ରୀ ଦାଶରଥି ଶତପଥୀ ପ୍ରମୁଖ ଉପସ୍ଥିତ ରହି ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା ।

# ଆଦିବାସୀ ମେଳା ୨୦୨୫ ପ୍ରସ୍ତୁତି



ଭୁବନେଶ୍ୱର, ୨।୧ (ମହାଭାରତ): ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଆଦିବାସୀ ମେଳା ୨୦୨୫ । ଏନେଇ ରାଜଧାନୀରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି । ସହର ମଧ୍ୟରେ ଆଦିବାସୀ ଗ୍ରାମର ଭ୍ରମ ସୃଷ୍ଟି କରିବ ଚଳିତ ବର୍ଷର ଆଦିବାସୀ ମେଳା । ପ୍ରଥମକରି ଓଡ଼ିଶାରେ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ଦିବସକୁ ଧ୍ୟାନରେ ରଖି ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଜାନୁଆରୀ ୫ ତାରିଖରୁ ଜାନୁଆରୀ ୧୬ ତାରିଖ ଯାଏଁ ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡିଆଠାରେ ଆଦିବାସୀ ମେଳାର ଆୟୋଜନ କରିବାକୁ ଯାଉଛି ।

ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ହେବ ଆଦିବାସୀ ଗ୍ରାମ, ଆଦିବାସୀ ହାଟ, କଳା ଓ ହସ୍ତଶିଳ୍ପ ଗ୍ରାମ, ଜନଜାତି ଖାଦ୍ୟ ଫୁଡ୍ କୋର୍ଟ, ଲାଇଭ୍ ଡେମନଷ୍ଟ୍ରେସନ୍, ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ । ଚଳିତ ବର୍ଷ ୨୦ ଟି ଆଦିବାସୀ କୁଟିର ନିର୍ମାଣ କରାଯାଉଥିବା ବେଳେ ୧୪୭ ଟି ଷ୍ଟଲ୍ ରେ ଆଦିବାସୀ ସାମଗ୍ରୀ ବିକ୍ରିବଟା ହେବ । ଏଥିସହ କଳା ଓ ହସ୍ତଶିଳ୍ପ ଗ୍ରାମ ପାଇଁ ୪୦ ଟି ଷ୍ଟଲ୍ ପ୍ରସ୍ତୁତ କରାଯାଉଥିବା ବେଳେ ୧୫ ଟି ଷ୍ଟଲ୍ ରେ ଲାଇଭ୍ ଡେମନଷ୍ଟ୍ରେସନ୍ ର ସୁବିଧା ରହିବ । ଏଥିସହ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ ର ୫ ଟି ଗ୍ୟାଲେରୀରେ ବିର୍ସାମୁଣ୍ଡାଙ୍କ ଜୀବନୀ, ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ଗ୍ୟାଲେରୀ, ଚିତ୍ରାଙ୍କନ ପ୍ରଦର୍ଶନୀ, ମିନି ଥିଏଟର୍ ଓ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ। ପ୍ରତି ସନ୍ଧ୍ୟାରେ ଆଦିବାସୀ ନୃତ୍ୟସଙ୍ଗୀତର ପରିବେଷଣ କରାଯିବା ସହ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଲେଜର୍ ଶୋ, ଓଡ଼ିଶାର ଜନଜାତି ସମ୍ପ୍ରଦାୟଭିତ୍ତିକ ଡ୍ରୋନ୍ ଶୋ, ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ପର୍ଯ୍ୟବେଶିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ, ଫ୍ୟାସନ୍ ଶୋ ଏବଂ ଫାୟର୍ ୱାର୍କ ଶୋ ର ମଧ୍ୟ ଆୟୋଜନ କରାଯିବ ।

# ବିଶାଳ ଶିରିଡ଼ି ସାଇ ଭଜନ ସନ୍ଧ୍ୟା ଅନୁଷ୍ଠିତ



ଭୁବନେଶ୍ୱର, ୨।୧ (ମହାଭାରତ): କେ ୱାନ ଏଂଟରନେଟମେଂଟ ପକ୍ଷରୁ ଗୁରୁବାର ୟୁନିଟ୍- ୧ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏକ ବିଶାଳ 'ଶିରିଡ଼ି ସାଇ ଭଜନ ସନ୍ଧ୍ୟା' ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ବିରଞ୍ଚିବି ମିଶ୍ର ସାଇବାବାଙ୍କର ବିଭିନ୍ନ ପୂଜାବିଧି କରିଥିଲେ । ଗୁରୁପୂଜନ, ଘଟ ସ୍ଥାପନ, ହୋମ, ମହାଅଭିଷେକ, ଆଳତୀ ଏବଂ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ପରେ ବିସର୍ଜନ ମଧ ହୋଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ସନ୍ଧ୍ୟା ୬ ଘଟିକା ସମୟରେ କେ ୱାନ ଏଂଟରଟେନମେଂଟ ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଭଜନ ସନ୍ଧ୍ୟା ପୂର୍ବରୁ ଶିରିଡ଼ି ସାଇବାବାଙ୍କର ଆଳତୀ ମଧ କରାଯାଇଥିଲା ।

ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଅର୍ଚ୍ଚନା ସାମଲ, ମାନସ ଚୌଧୁରୀ, ପବିତ୍ର ସାମଲ, ପ୍ରଦୀପ ମହାନ୍ତି, ପ୍ରସନ୍ନ ଷଡ଼ଙ୍ଗୀ ପ୍ରମୁଖ ଆୟୋଜନ କରିଥିଲେ । ଡଃ ଶ୍ରୀନିବାସଙ୍କ ସଂଯୋଜନାରେ ଏହି ଭଜନ ସନ୍ଧ୍ୟାରେ ଶଶାଙ୍କ ଶେଖର, ଲିପ୍ସା ମହାପାତ୍ର, ଚେଲ୍ସି ବେହୁରା, ଇପ୍ ?ସିତ ପତି, ପ୍ରଦୀପ ଦଳେଇ, ମୋନାଲି ମଧୁସ୍ମିତା ଓ ଅଭିରାମ ଖୁଂଟିଆ ପ୍ରମୁଖ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ସାଇ ଭଜନ ପରିବେଷଣ କରିଥିଲେ । ହଜାର ହଜାର ଭକ୍ତ ଏହି ଆଧ୍ୟାତ୍ମିକ ପରିବେଶ ସନ୍ଧ୍ୟାରେ ନିଜକୁ ହଜାର ଦେଇଥିଲେ । ଦୀର୍ଘ ୩ ଘଂଟା ଧରି ଭଜନ ସନ୍ଧ୍ୟା ଗଳିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଏବଂ ଜୟପୁର ବିଧାୟକ ଶ୍ରୀ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ । ଭଜନ ସନ୍ଧ୍ୟା ସହିତ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨।୧ (ମହାଭାରତ): ଚଳିତ ବର୍ଷ ୭୬ ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଏ ସଂକ୍ରାନ୍ତରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବାବେଗର ପ୍ରତୀକ । ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ୮.୩୦ରେ ଜାତୀୟ ପତାକା ଉତ୍ତୋଳନ କରିବେ ଓ ଅଭିବାଦନ ଗ୍ରହଣ କରିବେ । ତେଣୁ ଉକ୍ତ ସମାରୋହର ପ୍ରସ୍ତୁତିର ବିଭିନ୍ନ ଦିଗକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିସ୍ତୃତ ଭାବରେ ସମୀକ୍ଷା କରିଥିଲେ । ସାଧାରଣତନ୍ତ୍ର ଦିବସ ସମାରୋହରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ମୁଖ୍ୟ ଆଧାର ରୂପେ ଗ୍ରହଣ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପ୍ରଦର୍ଶିତ ହେବାକୁ ଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ଗୁଡ଼ିକ ବିଷୟରେ ମଧ ଆଲୋଚନା ହୋଇଥିଲା କ୍ଷ

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ, ବସ୍ ?ଷ୍ଟାଣ୍ଡ ଆଦିରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଭାତରେ ରାମଧୁନ୍ ? ପରିବେଷଣ ଦ୍ୱାରା ଦେଶପ୍ରେମ ଉଦ୍ରେକକାରୀ ପରିବେଶ ସୃଷ୍ଟି କରିବା ପାଇଁ ସମ୍ଭାବିତ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପତାକା ଉତ୍ତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବ ସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା ଆଦି ବଷୟରେ ଆଲୋଚନା ହୋଇଥିଲା ।

ସ୍ୱାଧୀନତା ଦିବସ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାରେ ଆଲୋକ ସଜ୍ଜାର ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ? ନିୟନ୍ତ୍ରଣକୁ କମିଶନରେଟ୍ ? ପୋଲିସ ପକ୍ଷରୁ ପରିଚାଳନା କରାଯିବ ।

ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ର କୁମାର ପରିଡ଼ା, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ବାଣୀବିହାର ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା



ଭୁବନେଶ୍ୱର, ୨।୧ (ମହାଭାରତ): ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱରର ଗରିବ ଲୋକଙ୍କୁ ଏକ ପ୍ରକାର ବଳି ପକାଇବାକୁ ଲାଗିଛନ୍ତି ରାଜ୍ୟ ସରକାର। ଗୁରୁବାର ସକାଳ ୭ ଘଟିକା ସମୟରେ ପୋଲିସ୍ ଓ ବିଏମ୍‌ସିର ୨ଶହ କର୍ମଚାରୀ ୫ଟି ଡ୍ରୋଜର ଧରି ବାଣୀବିହାରରେ ଥିବା ୫୦ଟି ଦୋକାନ ଉଚ୍ଛେଦ କରିବା ପାଇଁ ପହ୍ ଯାଇଥିଲେ। ହଠାତ୍ ରାକ୍ଷସଙ୍କ ଭଳି ବୁଲ୍ ଡ୍ରୋଜର ଗୋଟିଏ ପରେ ଗୋଟିଏ ଦୋକନ ଉଚ୍ଛେଦ କରି ଚାଲିଥିଲା। ଦୋକାନୀ ମାଲିକମାନେ ଘରୁ ଆସି ଦୋକାନ ପାଖରେ ପହଂଚିଲା ବେଳକୁ ଦୋକାନସବୁ ମାଟିରେ ମିଶିଯାଇଛି ଓ ଦୋକାନର ଆସବାବ ପତ୍ର କାଢି ନପାରି ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ଉଚ୍ଛେଦ ସମୟରେ ଅଶୋକ ପାଇକରାୟଙ୍କ ଓମ୍‌ଫେଡ଼ରେ ଥିବା ପାଖାପାଖି ୧୦ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଅନ୍ୟ ଦୋକାନୀମାନଙ୍କ ପାଖାପାଖି ୫୦ ଲକ୍ଷ ଟଙ୍କାରୁ ଅଧିକ ସାମଗ୍ରୀ ନଷ୍ଟ ହୋଇଛି ବୋଲି ଦୋକାନୀମାନେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ଭୁବନେଶ୍ୱରରେ ହକି ଖେଳ ସମୟରେ ଉଠାଦୋକାନ ଉଚ୍ଛେଦ କରି ବିଜେଡ଼ି ସରକାରର ପତନ ଘଟିଥିବା ବେଳେ ବର୍ତ୍ତମାନର ବିଜେପି ସରକାର ସେହି ଉଠାଦୋକାନୀମାନଙ୍କୁ ମନଇଚ୍ଛା ଉଚ୍ଛେଦ କରି ଚାଲିଥିବାରୁ ବିଜେପି ସରକାରର ମଧ କେଉଁ ସମୟରେ ପତନ ଘଟିବ ତାହା କେହି କହିପାରିବ ନାହିଁ। ବିଜେପିର ଏହି ଉଚ୍ଛେଦ ନୀତିକୁ ଉଠାଦୋକାନୀମାନେ ତୁଣ୍ଡ ବାଇଦ ସହସ୍ରକୋଷ ଭଳି ପ୍ରଚାର କରି ବିଜେପି ସରକାରର ପତନ ଘଟାଇବା ପାଇଁ ଉଦ୍ୟମ କରିପାରନ୍ତି। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି ଯେ, ଉଠାଦେକାନ ଆଇନରେ ଅଛି ପ୍ରତ୍ୟେକ ଫୁଟପାଥର ଏକ ତୃତୀୟାଂଶ ହେଉଛି ଉଠାଦୋକାନୀ ମାନଙ୍କର। କିନ୍ତୁ ଯେଉଁମାନେ ଫୁଟପାଥରେ ଏକ ତୃତୀୟାଂଶରେ ବସି ବ୍ୟବସାୟ କରୁଛନ୍ତି, ସେମାନଙ୍କୁ ବିଏମ୍‌ସି ଉଚ୍ଛେଦ କରିବା ନିୟମ ବିରୋଧୀ। ଦରକାର ପଡ଼ିଲେ ବିଏମ୍‌ସିକୁ କାଠଗଡ଼ାକୁ ଟଣାଯିବ ବୋଲି ଶ୍ରୀଯୁକ୍ତ ସାହୁ କହିଛନ୍ତି। ଆଗାମୀ ୭ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରାଯିବ ବୋଲି ଶ୍ରୀଯୁକ୍ତ ସାହୁ ଚେତାବନୀ ଦେଇଛନ୍ତି।

# ଗୀତା ମନନ ଜୀବନ ପାଇଁ ମାର୍ଗଦର୍ଶନର ଗ୍ରନ୍ଥ : ଶ୍ରୀମଦ୍ ବଳିଆ

ଭୁବନେଶ୍ୱର, ୨।୧ (ମହାଭାରତ): ପ୍ରତି ମଣିଷର ଜୀବନ ଏକ ଗୀତା ତତ୍ତ୍ୱ ହିଁ ଜୀବନର ତତ୍ତ୍ୱ। ତତ୍ତ୍ୱ ମାଗିଲେ ଭ୍ରାନ୍ତି ତୁଟିବ। ପ୍ରତି ମଣିଷର ମାନବ କୁରୁକ୍ଷେତ୍ରରେ ଆସୁଥିବା ଦ୍ୱନ୍ଦ୍ୱ। ସଂଶୟ ଓ ବିପଦ ସମୟରେ ସଠିକ୍ ଦିଗ୍‌ଦର୍ଶନ ଓ ସମାଧାନ ପାଇବାକୁ ପ୍ରତି ମଣିଷ ଗୀତା ପଢ଼ିବା ଦରକାର। ଏହା କହିଛନ୍ତି ଭାରତର ବିଶିଷ୍ଟ ଆଧାତ୍ମିକ ମାର୍ଗଦର୍ଶକ ଗୁରୁ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ୫ଦିନିଆ ଗୀତା କଥା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ବାବା ବଳିଆ କହିଛନ୍ତି, ଏକାମ୍ର କ୍ଷେତ୍ରରେ ପବିତ୍ର ସ୍ଥଳୀରେ ଗୀତାର ମାର୍ଗଦର୍ଶନ ସମସ୍ତଙ୍କ ଜୀବନ ଯୁଦ୍ଧକୁ ସରଳ ଓ ସଫଳ କରୁ। ଗୀତା କେବଳ ଧର୍ମଗ୍ରନ୍ଥ ନୁହେଁ, ଜୀବନର ମାର୍ଗଦର୍ଶନ।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଜଣେ ପତିହରା ମାଆ। ସେହିପରି ଭଗବାନ ଶିଶୁ ଅନନ୍ତଙ୍କ ପାଖରେ ପଂଚବଟ(୫ ପ୍ରକାର ବୃକ୍ଷଙ୍କୁ) ଶିବ ରୂପରେ ପୂଜାର୍ଚ୍ଚନା କରାଯାଇଥିଲା। ପତିହରା ମାନେ(ବିଧବା)ମାନଙ୍କୁ ସମ୍ମାନ ଓ ବୃକ୍ଷ ତଥା ପରିବାର ସମ୍ପର୍କରେ ସଚେତନତା ଲାଗି ଏପରି ନିଆରା ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ ସ୍ୱାଗତ କମିଟିର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ। ସ୍ୱାଗତ ଭାଷଣରେ ସୌମ୍ୟରଞ୍ଜନ କହିଲେ, ବାବା ବଳିଆ ୫୦ବର୍ଷ ହେବ ଆମ ସମାଜକୁ ନୂତନ ବାର୍ତ୍ତା ନେଇ ଆସୁଛନ୍ତି। ସେ ଧର୍ମକଥା କହିବା ସହ ସମାଜ ସଂସ୍କାରର ବାର୍ତ୍ତା ଦେଉଛନ୍ତି। ଏହି ବାର୍ତ୍ତାକୁ ସରକାର ଓ ସମାଜ ସହ ସାଧାରଣ ମଣିଷ କାମରେ ଲଗାଇଲେ ଉପକୃତ ହୋଇପାରିବ।

କାର୍ଯ୍ୟକ୍ରମର ସଂଯୋଜକ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ୫ଦିନିଆ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ସେ କହିଥିଲେ, ଶ୍ରୀମଦ୍ ବାବା ବୈଷ୍ଣବ ପଂଚସଖା ବଳରାମ, ଜଗନ୍ନାଥ, ଅନନ୍ତ, ଅଚ୍ୟୁତ ଓ ଯଶୋବନ୍ତଙ୍କର ମୂର୍ତ୍ତିମନ୍ତ ପ୍ରତୀକ। ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନନ୍ତ ବଳିଆ ଟ୍ରଷ୍ଟର ବାବାଜୀ ପ୍ରଣବାନନ୍ଦ ଦାସ। ଏଥିରେ ଟ୍ରଷ୍ଟର ବାବାଜୀ ରାଧେଶ୍ୟାମ ଦାସ, ବାବାଜୀ ପରମାତ୍ମା ଦାସ, ଚିଦାନନ୍ଦ ବ୍ରହ୍ମଚାରୀ, ବିଶ୍ୱ ସନାତନ ସେବା ସଂଘ, ଭୁବନେଶ୍ୱରର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଧାନ କିଣା ତ୍ୱରିତ କଲେ ସରକାର

ଭୁବନେଶ୍ୱର, ୨।୧ (ମହାଭାରତ): ଚଳିତ ଖରିଫ ଋତୁରେ ରାଜ୍ୟରେ ଯାରି ଧାନ କିଣା ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି । ବର୍ତ୍ତମାନ ବରଗଡ଼, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, ଦେବଗଡ଼, ଝାରସୁଗୁଡା, କେଉଁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡ, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ସମେତ ୧୮ଟି ଜିଲ୍ଲା ଧାନ କିଣା ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ଅନ୍ୟ ଜିଲ୍ଲାରେ ଏହି ଧାନ କିଣା ଆରମ୍ଭ କରାଯିବ । ଏଥିପାଇଁ ସମ୍ପୃକ୍ତ ଜିଲାରେ ବ୍ୟାପକ ପ୍ରସ୍ତୁତି ଯାରି ରହିଛି । ଏତଦବ୍ୟତୀତ ପଞ୍ଜିକୃତ ଚାଷୀମାନଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଟୋକନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ, ବର୍ତ୍ତମାନ ଏହି ଜିଲ୍ଲା ଗୁଡିକରେ ୧୫୯୧ଟି ମଣ୍ଡିରେ ଧାନ କିଣା ଯାରି ରହିଛି । ସେହିଭଳି ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ଧାନ କିଣା ପ୍ରକ୍ରିୟା ଉପରେ ନଜର ରଖିବା ସହ ଧାନ ସଂଗ୍ରହ ପ୍ରକିୟାକୁ ଯାଞ୍ଚ କରୁଛନ୍ତି । ବାହାର ରାଜ୍ୟର ଧାନ ଗାଡି ଏବଂ ଧାନ କିଣା ସମୟରେ ଆବଶ୍ୟକତା ଠାରୁ ଅଧିକ ଧାନ ରଖୁଥିବା ବ୍ୟବସାୟୀଙ୍କ ଉପରେ କଡା ନଜର ରଖାଯାଇଛି । ଏଥିନିମନ୍ତେ ଏହି ସବୁ ଜିଲ୍ଲାରେ ୧୯୦ଜଣ ଇନଫୋର୍ସମେଂଟ ଅଧିକାରୀ ନିଯୁକ୍ତ ଅଛନ୍ତି । ଏଭଳି ଘଟଣା ଜଣାପଡିବା ପରେ ତ୍ୱରିତ ପଦକ୍ଷେପ ନିଆଯାଉଛି । ଏଥିନିମନ୍ତେ ସମ୍ପୃକ୍ତ ଅଧିକାରୀମାନେ ଦିନରାତି ସେମାନଙ୍କ କାର୍ଯ୍ୟ ତୁଲାଉଛନ୍ତି । ଧାନ ବିକିବାର ୪୮ ଘଂଟା ମଧ୍ୟରେ ସେମାନଙ୍କ ଆକାଉଂଟକୁ ସର୍ବନିମ୍ନ ସହାୟତା ରାଶି ସହ ଇନପୁଟ ସହାୟତା ପ୍ରଦାନ କରାଯାଉଛି । ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଧାନ ବିକ୍ରୟ ଅର୍ଥ ରାଶି ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନିଆଯାଉଛି । ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଆଜିଠାରୁ ଆରମ୍ଭ ହେବ କୃଷି ଓଡ଼ିଶା-୨୦୨୫

ଭୁବନେଶ୍ୱର, ୨।୧ (ମହାଭାରତ): ଓଡ଼ିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆସନ୍ତା କାଲିଠାରୁ ୩ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା, ବିଜୁପଟ୍ଟନାୟକ ଖେଳ ପଡ଼ିଆରେ "କୃଷି ଓଡ଼ିଶା - ୨୦୨୫" ର ଆୟୋଜନ ହେବାକୁ ଯାଉଛି ।

ଏହି ସମାରୋହ ଆସନ୍ତାକାଲି ଦିନ ୧୧ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉଦଘାଟନ ହେବ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦବୋଧନ ଦେବେ ।

କୃଷି ଓଡ଼ିଶା-୨୦୨୫ ର ବିଷୟବସ୍ତୁ ରହିଛି "ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଏକ ପ୍ରୟାସ" । ପ୍ରଥମଦିନର ବିଷୟବସ୍ତୁ ରହିବ ଜଳବାୟୁ ଉପଯୋଗୀ ଖାଦ୍ୟ ପଦ୍ଧତି ଓ ଜଳବାୟୁ ତ୍ୱରିତ ଉଦ୍ୟାନକୃଷି । ଦ୍ୱିତୀୟ ଦିବସ ମୃତ୍ତିକା ସ୍ୱାସ୍ଥ୍ୟ, ପ୍ରାକୃତିକ କୃଷି ଓ ଏହାର ମୂଲ୍ୟଶୃଙ୍ଖଳା ଏବଂ ତୃତୀୟ ଦିବସର ବିଷୟ ହେଉଛି ପାଣି ପଞ୍ଚାୟତ ପକ୍ଷ ପାଳନ ସହିତ ଧାରାବାହିକ ଜଳ ଶାସନ ନୀତି ।

ଓଡ଼ିଶାରେ ପୋଷଣଯୁକ୍ତ ଖାଦ୍ୟ ପଦ୍ଧତି ସହିତ ସ୍ଥାନୀୟ ଅର୍ଥନୀତିକୁ ସଶକ୍ତ କରିବା ସହିତ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହାର ମୂଳ ଲକ୍ଷ୍ୟ । ପାରସ୍ପରିକ ସଂଯୁକ୍ତ ଲକ୍ଷ୍ୟ ମାଧ୍ୟମରେ ଖାଦ୍ୟ ନିରାପତ୍ତା ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି । ସରକାରଙ୍କ ଦ୍ୱାରା ଆୟୋଜିତ ଏହି ୩ ଦିନର କାର୍ଯ୍ୟକ୍ରମ ରାଜ୍ୟର ଯୁବବର୍ଗଙ୍କୁ କୃଷି, ଉଦ୍ୟାନକୃଷି, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ନିଜର କ୍ୟାରିଅର ଗଢ଼ିବାକୁ ପ୍ରୋତ୍ସାହିତ କରିବ ।

ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦ ହଜାର କୃଷକ, କୃଷିଜୀବୀ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଅଣସରକାରୀ ଗୋଷ୍ଠୀ, ପାଣି ପଞ୍ଚାୟତ ସଭ୍ୟ, କୃଷି ଉଦ୍ୟୋଗୀ, ରପ୍ତାନୀକାରୀ, ଛାତ୍ରଛାତ୍ରୀ ଓ ଗବେଷକବୃନ୍ଦ ଏଥିରେ ଅଂଶଗ୍ରହଣ କରିବେ । ରାଜ୍ୟର ୪ଟି ବିଭିନ୍ନ ସରକାରୀ ବିଭାଗ, କେନ୍ଦ୍ର ସରକାର, ଭାରତୀୟ କୃଷି ଗବେଷଣା ପରିଷଦ, ସି.ଜି.ଆଇ.ଏ.ଆର. ପ୍ରତିଷ୍ଠାନ, ବେସରକାରୀ ସଂଗଠନ, ସମନ୍ୱୟରେ ୧୩ ଗୋଟି ବୈଷୟିକ ଅଧିବେଶନର ମଧ ଆୟୋଜନ କରାଯାଉଛି । କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର, ସେମିନାର କାର୍ଯ୍ୟକ୍ରମ ରହିଛି । କୃଷକ ସମୃଦ୍ଧି କେନ୍ଦ୍ର, ଅନୁଭୂତି ଶିକ୍ଷା କେନ୍ଦ୍ର, କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ । ୨୦୦ରୁ ଅଧିକ ଷ୍ଟଲରେ ବିଭିନ୍ନ କୃଷିଜାତ ଦ୍ରବ୍ୟ ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କୁଇଜ୍, ତର୍କ, ଗଳ୍ପ କଥନ, କବିତା ଆବୃତ୍ତି, ବ୍ୟଙ୍ଗ ଆକୃତି ପ୍ରତିଯୋଗୀତା କରାଯିବା ସହିତ ଆଭାସୀ ଅନୁଭୂତି କେନ୍ଦ୍ର, କୃଷକ ସୁଗମ କେନ୍ଦ୍ର ଓ ପରୀକ୍ଷାମୂଳକ ଶିକ୍ଷା କେନ୍ଦ୍ରର ଆୟୋଜନ କରାଯାଇଛି । ରାଜ୍ୟର ୩୦ ଗୋଟି ଜିଲ୍ଲାର କୃଷି ଓ ଆନୁଷଙ୍ଗୀକ କୃଷି କ୍ଷେତ୍ରରେ ସଫଳ କୃଷି ପ୍ରଦର୍ଶନ କରିଥିବା ଅଗ୍ରଣୀ କୃଷକ, କୃଷି ଉଦ୍ୟୋଗୀ, ସ୍ୱୟଂସହାୟକ ଗୋଷ୍ଠୀ / କୃଷକ ଉତ୍ପାଦକ ସଂଗଠନଙ୍କୁ ସମ୍ବର୍ଦ୍ଧିତ କରାଯିବ ।

# ଫୋକସରେ ଓଡ଼ିଶା

ବିଜେପି ପକ୍ଷରୁ ସାରା ଦେଶରେ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ଏହା ଆରମ୍ଭ ହୋଇଛି। ତିନିମାସ ତଳେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଓଡ଼ିଶା ଆସି ରାଜ୍ୟ ବିଜେପି ନେତାମାନଙ୍କୁ ଉଦବୋଧନ ଦେଇ ଦଳୀୟ ସଙ୍ଗଠନକୁ କିପରି ସୁଦୃଢ଼ କରାଯାଇପାରିବ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ସହ ୨୦୨୯ ନିର୍ବାଚନରେ ଦଳକୁ କିପରି ସଫଳତା ମିଳିବ ସେଥିଲାଗି ବିଧିବଦ୍ଧ ଭାବେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶାରେ ଦୀର୍ଘ ସଂଘର୍ଷ ପରେ ବିଜେପି ଏବେ ସଫଳ ହୋଇଛି। ଏଥିଲାଗି ଦଳୀୟ ସଙ୍ଗ୍‌ଠନକୁ ସୁଦୃଢ଼ କରିବାକୁ ଅନେକ ଦିନ ଲାଗିଗଲା। ଏବେ ବି ୟୁପି, ଗୁଜରାଟ, ମଧ୍ୟପ୍ରଦେଶ ଭଳି ରାଜ୍ୟ ତୁଳନାରେ ଓଡ଼ିଶାରେ ବିଜେପି ସଙ୍ଗଠନ ସେପରି ସୁଦୃଢ଼ ହୋଇନି। କେବଳ ଲୋକେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ଏବଂ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ବିଜେପିକୁ ଭୋଟ ଦେଲେ। ସେଥିପାଇଁ ଲୋକସଭାରେ ଓଡ଼ିାର ୨୧ ଆସନ ମଧ୍ୟରୁ ବିଜେପିକୁ ୨୦ଟି ଆସନ ମିଳିଲା। କିନ୍ତୁ ତୃଣମୂଳ ସ୍ତରରେ ଦଳୀୟ ସଙ୍ଗଠନ ସୁଦୃଢ଼ ନଥିବାରୁ ବିଧାନସଭାରେ ବିଜେପି ୭୮ଟି ଆସନ ଜିତି ସରକାର ଗଢ଼ିବାକୁ ସକ୍ଷମ ହେଲା। ଅଳ୍ପକେ ବିଜେଡି ହାରିଗଲା। ନଚେତ ବିଜେପିକୁ ଓଡ଼ିଶାରେ କ୍ଷମତା ଦଖଲ ନିମନ୍ତେ ଆହୁରି ୫ ବର୍ଷ ସଂଘର୍ଷ କରିବାକୁ ପଡ଼ିଥାଆନ୍ତା। ତେବେ ଏହି ସଫଳତାକୁ କିପରି ବଜାୟ ରଖିବାକୁ ପଡ଼ିବ ଏବଂ ଗୁଜରାଟ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ବିଜେପି କିପରି ବହୁ ବର୍ଷ କ୍ଷମତାରେ ରହିପାରିବ ସେଥିଲାଗି ଉଦ୍ୟମ କରିବାକୁ ନଡ୍ଡା ପରାମର୍ଶ ଦେଇଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଗତ ୧୦ ବର୍ଷ ଭିତରେ ଅନେକ ବିକାଶମୂଳକ ପଦକ୍ଷେପ ନେଇଛନ୍ତି, ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶାର ବିକାଶନିମନ୍ତେ କେନ୍ଦ୍ର ସରକାର ବିପୁଳ ଅର୍ଥ ଅନୁଦାନ ଆକାରରେ ଦେଇଛନ୍ତି। ବିଶେଷ କରି ଓଡ଼ିଶାରେ ରେଳବାଇର ବିକାଶ ଏବଂ ସାମଗ୍ରିକ ଭିତ୍ତିଭୂମିର ବିକାଶ ନିମନ୍ତେ ମୋଦି ସରକାର ଅନେକ ସହାୟତା ଦେଇଛନ୍ତି। ଗରିବଙ୍କୁ ମାଗଣା ଚାଉଳ, ଆବାସ ଯୋଜନାରେ ଘର , ମାଗଣା ସ୍ୱାସ୍ଥ୍ୟ ସେବା, ଚାଷୀଙ୍କୁ ସହାୟତା ଦେଇଛନ୍ତି। କିନ୍ତୁ ପୂର୍ବ ସରକାର ଏହାକୁ ହାଇଜାକ୍ କରି ନିଜ ନାମରେ କରିବା ସହିତ ବାହାବା ନେଇଛନ୍ତି। ଏବେ ସମୟ ଆସିଛି ଓଡ଼ିଶାବାସୀଙ୍କୁ ବାସ୍ତବତା ସମ୍ପର୍କରେ ଅବଗତ କରାଇବା ଏବଂ କେନ୍ଦ୍ର ସରକାର ଓଡ଼ିଶାର ବିକାଶ ଲାଗି କ'ଣ କରିଛନ୍ତି ତାହାକୁ ପ୍ରଚାର ପ୍ରସାର କରିବା ସହିତ ଏହାର ଫାଇଦା ଯେପରି ରାଜ୍ୟର ସମସ୍ତ ଯୋଗ୍ୟ ବ୍ୟକ୍ତି ପାଇପାରିବେ ସେ ଦିଗରେ ଉଦ୍ୟମ କରିବାକୁ ଦଳୀୟ ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ନଡ୍ଡା କହିଛନ୍ତି ଯେ, ବିଜେପିରେ ପରିବାରବାଦ ରାଜନୀତି ନାହିଁ। ନେତାଙ୍କ ପୁଅ ନେତା ହେବ ସେଭଳି ବ୍ୟବସ୍ଥା ଏହି ଦଳରେ ନାହିଁ। ଏଠାରେ ଦୁର୍ନୀତିକୁ ପ୍ରଶ୍ରୟ ବା ଘଣ୍ଟଘୋଡ଼ାଇବାକୁ ଉଦ୍ୟମ ହୁଏନି। ସମାଜର ସବୁଠାରୁ ତଳ ସ୍ତରରେ ଥିବା ବ୍ୟକ୍ତିଙ୍କୁ ଯେପରି ନ୍ୟାୟ ମିଳିପାରିବ, ସମସ୍ତ ଯୋଜନାର ସୁଫଳ ସେ ପାଇପାରିବେ ସେ ଦିଗରେ ଉଦ୍ୟମ ହୋଇଥାଏ। ଦଳର ତୃଣମୂଳ ସ୍ତରର କର୍ମୀ ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇପାରିବେ। ବିଜେପିର ଏହା ହେଉଛି ସ୍ୱତନ୍ତ୍ରତା। ଏ ସମ୍ପର୍କରେ ସାଧାରଣ ଜନତାଙ୍କୁ ବୁଝାଇବା, ସେମାନଙ୍କୁ ଦଳ ପ୍ରତି ଆକୃଷ୍ଟ କରିବା ଏବଂ ବିଜେପିରେ ସାମିଲ କରିବା ଲାଗି ନଡ୍ଡା ଆହ୍ୱାନ କରିଛନ୍ତି। ଗତ ଜୁନ ମାସରେ ଓଡ଼ିଶାରେ ବିଜେପି କ୍ଷମତାସୀନ ହେବା ପରଠାରୁ ଦଳୀୟ ନେତାମାନେ ଅନେକ ଥର ଓଡ଼ିଶା ଆସିଲେଣି।

# ବିଗିଡ଼ି ଯାଉଛି ପିଲାଦିନ

**।। ଜୟନ୍ତୀ ପଣ୍ଡା ।।**

"ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଇଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧ୍ୟରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଳୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଚ୍ଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିଯିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ - ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍‌ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।

**ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,**
**ସେକ୍ଟର-୮୮, ଫରିଦାବାଦ, ହରିଆନା**

# ବାର୍ଦ୍ଧକ୍ୟର ଗତିରୋଧ

**।। ପ୍ରଫୁଲ୍ଲ କୁମାର ଦାସ ।।**

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

**କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୨୩୪୪୩**

# ମାନବିକତା ହିଁ ପରମ ଧର୍ମ

**।। ମୌଲାନା ଫଜଲ ହକ ଖାଁ ।।**

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳିନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛଁ ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତ୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତ୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମର୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






ଶୁକ୍ରବାର, ୩ ଜାନୁୟାରୀ ୨୦୨୫

## ଯାଜପୁର ଜିଲ୍ଲାରେ ସଡ଼କ ସୁରକ୍ଷା ମାସ ପାଳନ



ବଡଚଣା (ମହାଭାରତ) ଯାଜପୁର ଜିଲ୍ଲାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାନୁୟାରୀ ୧ ତାରିଖରୁ ୧ ମାସ ଧରି ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ଉପଲକ୍ଷେ ଆଜି ସକାଳେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ସଡ଼କ ସୁରକ୍ଷା ପରିବାର ରକ୍ଷା ସମ୍ପର୍କିତ ଏକ ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀମତୀ ପି. ଅନେ୍ୱଷା ରେଡ୍ଡୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାବାସୀ ଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ଜନସାଧାରଣ ସଚେତନ ହୋଇ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ସଚେତନ ହୋଇ ଗାଡ଼ି ଚଳନା କରି ନିଜେ ସୁରକ୍ଷିତ ରହି ପରିବାରକୁ ସୁରକ୍ଷିତ ରଖିବାକୁ କହିଥିଲେୟ ମଦ୍ୟପାନ କରି ରାସ୍ତାରେ ଗାଡି ନଚଳାଇବା, ଦୁଇ ଚକିଆ ଯାନ ଚଳାଇବା ବେଳେ ହେଲମେଟ ପରିଧାନ କରିବା, ଚରିଚକିଆ ଯାନରେ ସିଟ୍ ବେଲଟ୍ ପିନ୍ଧିବା, ଟ୍ରାଫିକ ନିୟମ ମାନିବା, ବାମ ପାଖରେ ଓଭରଟେକ୍ ନକରିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ। ଏହି ସଚେତନତା ରଥ ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ଏବଂ ପ୍ରମୁଖ ଅଞ୍ଚଳରେ ବୁଲି ଜନ ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ କହିଲେ ବିନା ହେଲମେଟରେ ଟାଙ୍କିରେ ପେଟ୍ରୋଲ ଯୋଗାଣ ନକରିବାକୁ ଜିଲ୍ଲାର ସମସ୍ତ ପେଟ୍ରୋଲ ଟାଙ୍କି ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ମୋଟର ଯାନ ନିରୀକ୍ଷକ ଦୀପକ କୁମାର ସେଠୀ, ଜୁନିଅର ଏସ.ଭି.ଆଇ ପ୍ରଦୀପ୍ତ କିଶୋର ବେହେରା, ରାଜେଶ ମଙ୍ଗରାଜ, ସୌମ୍ୟରଞ୍ଜନ ପତି, ଏସ.ପି.ଓ ଅଶୋକ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍କାଉଟ ଓ ଗାଇଡ ଛାତ୍ର ଛାତ୍ରୀ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ଭାଗ ନେଇଥିଲେ। ଅନେ୍ୱଷଣ ଥିଏଟର ଗ୍ରୁପ ଓ ସୁରକ୍ଷା ମହିଳା ସେ୍ୱଚ୍ଛାସେବୀ ଅନୁଷ୍ଠାନର କଳାକାରମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ସତ୍ୟ ସାଇ ସେବା ସଂଗଠନ ମଠ କପୁଣ୍ଡି ରେ ୧୮ତମ ବାର୍ଷିକ ଉତ୍ସବ ପାଳିତ



ହାଟଡିହି ଶ୍ରୀ ସତ୍ୟସାଇ ସେବା ସମିତି ମରେଇଗାଁ ଅଧିନ ରେ ଗଢି ଉଠିଥିବା ଅନେକ ଭଜନ ମଣ୍ଡଳୀ ରେ ଭିନ୍ନ ଭିନ୍ନ ସମୟରେ ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ମଠ କପୁଣ୍ଡି ରେ ୧୮ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ସକାଳୁ ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚର ପୂଜା, ନାମର୍ଚନା, ସନ୍ଧ୍ୟା ରେ ଭଜନ , ସତସଙ୍ଗ ସହ ବାଲ ବିକାଶ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଇନଚୋଳ ସାଇ ସମିତି ର ଆବାହକ ଆଦିକନ୍ଦ ସ୍ୱାଇଁ , ମଠ କପୁଣ୍ଡି ଭଜନ ମଣ୍ଡଳୀ ଆବାହକ ସନ୍ତୋଷ କୁମାର ଚକ୍ର, ଗୌର କୃଷ୍ଣ ନାୟକ , ବାଲ ବିକାଶ ଗୁରୁ ବିଭୂତି ଭୂଷଣ ଜେନା, ପ୍ରଦୀପ କୁମାର ଜେନା, ରତିକାନ୍ତ ମୁଦୁଲି, ମନମୋହନ ଜେନା, ଆନନ୍ଦ ଜେନା, ରଶ୍ମି ରେଖା ଜେନା, ମମତା ମଞ୍ଜରୀ ମୁଦୁଲି, ଯମୁନା ଭୂୟାଁ, ଯୁଲ ଭୂୟାଁ, ଙ୍କ ସହ ଟୁନା ନାୟକ, ସତ୍ୟଭାମା ବେହେରା, ପ୍ରମୁଖ ରହି ସହୋଜୋଗ ଥିଲେ।

## ଦୁଇ ପରିବାର ଙ୍କ ମଧ ରେ ମୁହାଁ ମୁହିଁ ଅଧାରୁ ଫେରିଲେ ରାଜସ୍ୱ ନୀରିକ୍ଷକ



ହାଟଡିହ(ମହାଭାରତ): ହାଟଡିହି ଢେଙ୍କା ପଞ୍ଚାୟତ ଢେଙ୍କା ଗ୍ରାମ ରେ ପାଣି ନାଳ ଖୋଳି ବାକୁ ଦୁଇ ପରିବାର ଲୋକେ ମୁହାଁ ମୁହିଁ। ଯାହାକୁ ନେଇ ବ୍ରାହ୍ମଣ ସାହି ରାସ୍ତା ମନ୍ଦିର ନିକଟ ରେ ୧୦୦୬ନମ୍ବର୍ ପ୍ଲଟ ଟି ସୁଶାନ୍ତ ମିଶ୍ର ଙ୍କ ର ହୋଇଥିବାରୁ ସେଠାରେ ଗ୍ରାମବାସୀ ଏକ ଜଳ ନିଷ୍କାସନ ନିମନ୍ତେ ନାଳ କରିଥିବା ଦେଖିବାକୁ ମିଳିଥିଲା। ଯାହାକି ଉକ୍ତ ନାଳ ଟି କେଉଁ ସ୍ଥାନ ରେ ଅବସ୍ଥିତ ତାହାକୁ ଜାଣିବା ପାଇଁ ସୁଶାନ୍ତ ମାନ୍ୟବର ହାଇ କୋର୍ଟ ଙ୍କ ଚିଠି ବଳ ରେ ସରକାରୀ ଅମିନ ଓ ରାଜସ୍ୱ ନୀରିକ୍ଷକ ଡାକି ମାପ ଜୁପ କରି ଯାଉଥିଲା। ଯାହାକୁ ନେଇ ଗାଁ ଅନ୍ୟ କିଛି ଲୋକେ ଏହି ମାପ ଠିକ୍ ରେ ହେଉ ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଉଭୟ ଙ୍କ ମଧ୍ୟରେ ବଚସା ହୋଇଥିଲା। ଯେଉଁ ମାପ ଯୁପ୍ କୁ ନେଇ ଗାଁ ଲୋକେ ବିରୋଧ କରିଥିଲେ ଏପରି ସ୍ଥଳେ ମାପ କରିବାକୁ ଆସିଥିବା ଅଧିକାରୀ ମାନେ ମାପ ନକରି ପାରି ଅଧାରୁ ଫେରି ଯାଇଥିଲେ। ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଅନନ୍ତ ଦାସ, ରବୀନ୍ଦ୍ର ଦାସ ରତ୍ନ କର ଦାସ, ହରିହର ପଣ୍ଡା ଦଇତାରୀ ଦାସ, ପ୍ରଶାନ୍ତ ମହାନ୍ତି , ପ୍ରଫୁଲ୍ଲ ମହାନ୍ତି ରହିଥିଲେୟ ମାପ ଯୁପ କରିବାକୁ ଆସିଥିବା ଅଧିକାରୀ ମାନଙ୍କ ମଧ୍ୟରେ ରାଜସ୍ୱ ନୀରିକ୍ଷକ ଦୀପ୍ତିମୟୀ ସାହୁ ରହିଥିବା ବେଳେ ସହୋଜୋଗି ଭାବେ ଏକାଦଶୀ ମଲ୍ଲିକ ରହିଥିଲ।

# ପାରାଦୀପ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ(ମହାଭାରତ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀ ଙ୍କ ଜନ୍ମ ଦିବସ ପାଳନ ପରିପ୍ରେକ୍ଷୀରେ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ପଡିଆ ଠାରେ ଆୟୋଜିତ ପାରାଦୀପ ମହୋତ୍ସବ ବୁଧବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି । ଡିସେମ୍ବର ୨୫ ରୁ ଜାନୁଆରୀ ୧ ତାରିଖ ଦୀର୍ଘ ଆଠଦିନ ବ୍ୟାପି ଚଳିଥିବା ଏହି ମହୋତ୍ସବରେ ମିନା ବଜାର ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଅନୁଷ୍ଠାନ ବ୍ୟତୀତ ଓଡ଼ିଶାର ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଦଯାପନୀ ସନ୍ଧ୍ୟାରେ ପାରାଦୀପ ର ଆଦିଦେବ ଏ□ରଟେନମେ□ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ଓ କଳାକାର ମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତେବେ ଏହି କାର୍ଯ୍ୟକ୍ରମ ର ଅନ୍ତିମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ସହରାଞ୍ଚଳ ବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ. ମନମୋହନ ସିଂହ ଙ୍କ ଦେହାନ୍ତ ରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା ଯୋଗୁଁ ତାଙ୍କର ଏହି ଗସ୍ତକୁ ବାତିଲ କରାଯାଇଥିଲା । ତେବେ ଅତିଥି ଙ୍କ ଅନୁପସ୍ଥିତି



ରେ ଅଟଳ ମେମୋରିଆଲ ଟ୍ରଷ୍ଟ ର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ, ସାଧାରଣ ସମ୍ପାଦକ ତଥା ଶିଳ୍ପମନ୍ତ୍ରୀ ଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, କୋଷାଧ୍ୟକ୍ଷ ସର୍ବେଶ୍ୱର ଜେନା,କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ବଳିୟାରସିଂହ, ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିବା ବେଳେ ସମାଜସେବା ଏବଂ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ପାରାଦୀପ ର ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ୱତନ୍ତ୍ର ଅତିଥି ଭାବେ ପାରାଦୀପ ପୋର୍ଟ ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀ, ଭାରତୀୟ ବନ୍ଦର ମଜଦୁର ସଙ୍ଘ ସଭାପତି ରାକେଶ ପଟ୍ଟନାୟକ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ କୃଷକ ରେଜିଷ୍ଟ୍ରି ଓ ଡିଜିଟାଲ ଫସଲ ସର୍ଭେ

ବଡଚଣା (ମହାଭାରତ)ଯାଜପୁର, ତା ୦୨.୦୧.୨୦୨୫ ରିଖ: ଆଜି ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ କୃଷକ ରେଜିଷ୍ଟ୍ରି ଓ ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ଜିଲ୍ଲାପାଳ ପି. ଅନେ୍ୱଷା ରେଡ୍ଡୀ ପ୍ରଦୀପ ପ୍ରଜ୍ୱଳନ ଓ ମା ବିରଜାଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଉଦଘାଟନ କରିଥିଲେ। ବିଭିନ୍ନ ଉଦ୍ଦେଶ୍ୟ ସାଧନ ପାଇଁ ଓ କୃଷକ ମାନଙ୍କ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି କରିବା ନିମନ୍ତେ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ



୨ ଲକ୍ଷ ୨୫ ହଜାର କୃଷକଙ୍କ ପାଇଁ ଫାର୍ମରସ ରେଜିଷ୍ଟ୍ରି ପ୍ରସ୍ତୁତ କରାଯିବ। ଏଥିପାଇଁ କୃଷି, ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗର କ୍ଷେତ୍ର କର୍ମଚାରୀ ଓ ଅଧିକାରୀ ମାନଙ୍କୁ ନିଷ୍ଠାର ସହିତ ଏହି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେୟ ଡେପୁଟି କଲେକ୍ଟର ଶ୍ରୀମତୀ ଦୀପ୍ତିମୟୀ ବେହେରା ସହକାରୀ କୃଷି ନିର୍ଦ୍ଦେଶକ ମୀରା ପରିଚ୍ଛା ଓ ଡେପୁଟି କଲେକ୍ଟର ଶ୍ରୀ ରଶ୍ମିରଞ୍ଜନ ମଲ୍ଲିକ ଓ ଯୋଜନା ଅଧିକାରୀ ଶୁଭସ୍ମିତା ସ୍ୱାଇଁ ଏହି କାର୍ଯ୍ୟାଳୟରେ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳାରେ ପ୍ରାୟ ୩୦୦ ଜଣ କ୍ଷେତ୍ରାଧିକାରୀ ତାଲିମ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଅରୁଣ କୁମାର ବେହେରା ଅଧକ୍ଷତା କରିଥିଲେ। ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଅରୁଣ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ। ବ୍ଲକ କୃଷି ଅଧିକାରୀ ଶ୍ରୀ ବିଭୂତି ଭୂଷଣ ପତି ଓ ଶୁଭ୍ରଜି୍ ବେହେରା, ଓ ବି.ଟି. ଏମ୍ ପ୍ରାର୍ଥ ପ୍ରତିମ ସ୍ୱାଇଁ ଏହି କର୍ମଶାଳାରେ ସହାୟତା ପ୍ରଦାନ କରିଥିଲେ।

## ଶାନ୍ତି ଶକ୍ତି ଭବନରେ ଆଧ୍ୟାତ୍ମିକ ସ୍ନେହ ମିଳନ

ଆସିକା (ମାଭାରତ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନ ରେ ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ଏକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଭଉଣୀ ଭାଇ ପ୍ରାତଃ କାଳରୁ ବିଶ୍ ଶାନ୍ତି ସକାଶେ ଯୋଗର ଦାନ କରିଥିଲେ । ନୂତନ ବର୍ଷରେ ସହର ବାସୀଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧିର କାମନା କରିବା ସହିତ ପରମାତ୍ମା ଶିବ ପିତା ସମସ୍ତଙ୍କ ଜୀବନକୁ ଅନେକ ସୁ ଅବସର ପ୍ରଦାନ କରନ୍ତୁ ବୋଲି ଶୁଭେଚ୍ଛା ଜ୍ଞାପନ କରିଥିଲେ । ଶାନ୍ତି ଶକ୍ତି ଭନ ସଂଚାଳିକା ରାଜଯୋଗିନୀ ପ୍ରଭାତୀ ଏହି ଅବସରରେ ଆସିକାରେ ନବ ନିଯୁକ୍ତ ଏସ୍ ପି ଡି ଓ ଗିରିସ ନାରାୟଣ ପଟ୍ଟନାୟକଙ୍କୁ ପୁଷ୍ପ ଗୁଚ୍ଛ ଦ୍ୱାରା ସ୍ୱାଗତ କରିଥିଲେ। ଜୀବନରେ ନିଷ୍ଠା ଓ ଈଶ୍ୱର ବିଶ୍ୱାସ ବଳରେ ସଫଳତା ପ୍ରାପ୍ତ ହୁଏ ବୋଲି ମତବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ ଏସ୍.ଡି.ପି.ଓ ଶ୍ରୀ ପଟ୍ଟନାୟକ । କାର୍ଯ୍ୟକ୍ରମରେ ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା କୃଷକ ରତ୍ନ ପୁରସ୍କାର ପ୍ରାପ୍ତ କରିଥିବା ସଫଳ ଚାଷୀ କବିସୂର୍ଯ୍ୟନଗର ନିବାସୀ ବାଉରୀ ବନ୍ଧୁ ସ୍ୱାଇଁ ଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସତ୍ୟପ୍ରିୟ ରଥଙ୍କ ସହଯୋଗ କରିଥିଲେ ।

## କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ଜୁଆଙ୍ଗ ବସ୍ତିରେ କମ୍ବଳ ବଣ୍ଟନ

ପାଟଣା:-(ମହାଭରତ)ଗୁରୁବାର ଅନ୍ୟ ବର୍ଷ ତୁଳନାରେ ଏ ବର୍ଷ ଅଧିକ ଶୀତ ଅନୁଭୂତ ହେଉଥିବା ବେଳେ ଅସମୟର ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ପ୍ରବଳ ଥଣ୍ଡା ପଡୁଛି । ସହଜେ କେନ୍ଦୁଝର ପାହାଡିଆ ଅଂଚଳରେ ଶୀତର ମାତ୍ରା ବହୁତ ଅଧିକ । ଏହାକୁ ହୃଦୟଙ୍ଗମ କରି ଏହି ପରିପ୍ରେକ୍ଷୀରେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ତରଫରୁ ଘଟଗାଁ ବ୍ଲକର ପୁରୁମୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆଦିମ ଅଧିବାସୀ ଜୁଆଙ୍ଗ ପ୍ରବଣ ଗୟଳମୁଣ୍ଡା ପଲ୍ଲୀର ଅସହାୟ ବୃଦ୍ଧ ବୃଦ୍ଧା ଓ ଶାରୀରିକ ଭିଉକ୍ଷମ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ମୁକୁନ୍ଦପୁର ପାଟଣା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସାହୁ ଓ ଶିକ୍ଷାବିତ ପଦ୍ମନାଭ ନାୟକ, ଫଣୀ ଭୂଷଣ ଜୁଆଙ୍ଗ, ପ୍ରଭାତ ରଞ୍ଜନ ମହାନ୍ତ, କୁମାର ସମ୍ବିତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅଭାବି ଲୋକଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳ ପ୍ରଦାନ କରିଥିଲେ ।କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ବାବାଜୀ ଚରମାନନ୍ଦ ଦାସ ଓ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଲକ୍ଷ୍ମୀଧର ଜୁଆଙ୍ଗ, କୈଳାଶ ଜୁଆଙ୍ଗ ଓ ଲକ୍ଷ୍ମୀଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୂଆବର୍ଷ ରେ ବଣଭୋଜି ପାଇଁ କମିଲା ଗଡଚଣ୍ଡି ଓ ହଦଗଡ଼

ହାଟଡିହି ବ୍ଲକ ଆରାଧ୍ୟା ଦେବୀ ମା ଗଡଚଣ୍ଡି ଓ ହଦଗଡ଼ ପର୍ଯ୍ୟଟନ ସ୍ଥଳୀ ରେ ନୂଆ ବର୍ଷ ରେ ବଣଭୋଜି ପାଇଁ ଦେଖିବାକୁ ମିଳିଥିଲା ନାହିଁ ନଥିବା ଭିଡ। ଏହି ଭିଡ କୁ ଦେଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ଥିଲା। କିନ୍ତୁ ପର୍ଯ୍ୟଟକ ମାନଙ୍କୁ ଏହି ବଣ ଜଙ୍ଗଲ ଘେରା ପରିବେଶ ବେଶ୍ ଖୁସି ଓ ଆନନ୍ଦ ପ୍ରଦାନ କରୁଥିବା ରୁ ବହୁ ଦୂର ଦୁରାନ୍ତ ରୁ ଲୋକ ମାନେ ଏହି ଦୁଇ ସ୍ଥାନ କୁ ଆସି ଥାଆନ୍ତି। ଛେନାପଦୀ ଛକ ନିକଟରୁ ମା ଗଡଚଣ୍ଡି ପୀଠ ମାତ୍ର ଆଠ କିଲୋମିଟର ଦୂରରେ ଅବସ୍ଥିତ। ସେହିପରି ହଦଗଡ଼ ଜଳ ଭଣ୍ଡାର ଟି ମଧ ଛେନାପଦୀ ଛକ ରୁ ମାତ୍ର ୧୮ କିଲୋ ମିଟର ଦୂରରେ ଅବସ୍ଥିତ। ଏହି ନବ ବର୍ଷ ରେ ହଦଗଡ଼, ଓ ଗଡ଼ଚଣ୍ଡୀ ରେ ୧୦



ହଜାରରୁ ଅଧିକ ପର୍ଯ୍ୟଟକ ହାଟଡିହି ବ୍ଲକ୍ କ୍ର ଦୁଇଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହଦଗଡ ଓ ଗଡଚଣ୍ଡୀ ରେ ନୂଆବର୍ଷ ଉପଲକ୍ଷେ ୧୦ ହଜାରରୁ ଉର୍ଦ୍ଧ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ନୂଆବର୍ଷ ପାଇଁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଜିଲ୍ଲାର ମଧ୍ୟସ୍ଥଳରେ ଥିବା ହାଟଡିହି ବ୍ଲକ୍ ର କର ଗଡଚଣ୍ଡୀ ଓ ହଦଗଡ ଆଜି ଲୋକାରଣ୍ୟ ହୋଇ ଉଠିଥିଲା। ପୂର୍ବରୁ କେବେ ଗୋଟିଏ ଦିନରେ ଏତେ ସଂଖ୍ୟକ ଭିଡ ହୋଇ ଥିବା ଦେଖିବାକୁ ମିଳିନଥିଲା । ଚଳିତବର୍ଷ ପର୍ଯ୍ୟଟକଙ୍କ ଅଧିକ ଭିଡ ପରିଲିକ୍ଷିତ ହୋଇଛି। ହଜାର ହଜାର ଭକ୍ତ ମା ଗଡଚଣ୍ଡୀ ଙ୍କ ପାଖରେ ପୂଜାର୍ଚ୍ଚନା କରି ନବବର୍ଷରେ ବିଶ୍ୱବାସୀ ଙ୍କ ପାଇଁ ଶୁଭକାମନା କରିବା ସହିତ ପ୍ରାକୃତିକ ଶୋଭା ରାଜିରେ ବଣଭୋଜି କରିଥିଲେ। ସେହିପରି ସକାଳୁ ସକାଳୁ ନୂଆବର୍ଷ କୁ ସ୍ୱାଗତ କରିବା ପାଇଁ ବହୁ ଦୂରଦୂରାନ୍ତରୁ ହଜାର ହଜାର ପର୍ଯ୍ୟଟକ ହଦଗଡ଼ କୁ ଛୁଟି ଆସିଥିଲେ। ଡିଜେ ସାଉଣ୍ଡ ର ତାଳେ ତାଳେ ନୃତ୍ୟଗୀତ ରେ ମସଗୁଲ ହୋଇଥିଲେ ସମସ୍ତେ। ଡ୍ୟାମ୍ ନିକଟରୁ ନଦୀ କୂଳେ କୂଳେ ଭୋଜିଭାତ ର ଆସର ଜମିଥିବା ବେଳେ ପର୍ଯ୍ୟଟନ ସ୍ଥଳୀ ଦୁଇଟିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସୋସୋ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା ।ଗଡ଼ଚଣ୍ଡୀ ପୀଠରେ ଗଡଚଣ୍ଡୀ ଯୁବ ପରିଷଦ ପକ୍ଷରୁ ଓ ହଦଗଡ଼ ଗଡ଼ ଠାରେ ଯୁବକ ସଂଘ ସଦସ୍ୟ ମାନଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ଚକ୍ରତୀର୍ଥ ରେ ମଧ୍ୟ ହଜାର ହଜାର ପର୍ଯ୍ୟଟକ ପ୍ରାକୃତିକ ସୌନ୍ଦର୍ଯ୍ୟର ପରିଯୁକ୍ତ ବନରାଜିକୁ ସ୍ୱାଗତ ଜଣାଇବା ସହିତ ବଣଭୋଜି ର ମଜା ଉଠାଉଥିବା ଦେଖିବାକୁ ମିଳିଥିଲା।

## ଜିଲ୍ଲାସ୍ତରୀୟ ପକ୍ଷଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ସମ୍ମିଳନୀ ଅନୁଷ୍ଠିତ

ରାୟଗଡ(ମହାଭାରତ): ଆଜି ରାୟଗଡ଼ା ଜିଲ୍ଲାର ରାୟଗଡ଼ା ପୌରାଞ୍ଚଳରେ ଥିବା ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ, ରିଙ୍ଗରୋଡ ଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ପାଳନ କରାଯାଇଅଛି। ଏହି ସମାରୋହରେ ମୁଖ୍ୟ ଅତିଥଭାବେ ମାନ୍ୟବର ବିଧାୟକ, ରାୟଗଡ଼ା ଶ୍ରୀଯୁକ୍ତ କାଡ୍ରାକା ଆପଲ୍ଲା ସ୍ୱାମୀ ମହୋଦୟ ଓ ସମ୍ମାନନୀୟ ଅତିଥିଭାବେ ମାନ୍ୟବର ବିଧାୟକ, ବିଷମକଟକ, ଶ୍ରୀଯୁକ୍ତ ନୀଳମାଧବ ହିକକା ମହୋଦୟ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ରାୟଗଡ଼ା, ଶ୍ରୀଯୁକ୍ତ ଭାସ୍କର ରାଇତ,ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଶ୍ରୀ ଦୁସି ସୁଧାକର କୁମାର, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ରାୟଗଡ଼ା, ଶ୍ରୀଯୁକ୍ତ ଦୟାନିଧି ବାଗ, ନିର୍ବାହୀ ଯନ୍ତ୍ରୀ, ଉଠା ଜଳସେଚନ ବିଭାଜନ, ଗୁଣୁପୁର, ଶ୍ରୀଯୁକ୍ତ ବିନୋଦ ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ରାୟଗଡ଼ା, ଶ୍ରୀଯୁକ୍ତ ଶ୍ୟାମ ମୁର୍ମୁ, କୃଷି ଉଦ୍ୟାନ ଉପନିର୍ଦ୍ଦେଶକ ଶ୍ରୀ ଦୟାନିଧି ରାଉତ ଓ କ୍ଷୁଦ୍ର ଜଳସେଚନ ବିଭାଜନର ସମସ୍ତ ଅଧିକାରୀ ଏବଂ ସମସ୍ତ ପାଣି ପଞ୍ଚାୟତର ସଭ୍ୟମାନଙ୍କ ସହ ସାମ୍ବାଦିକ ବନ୍ଧୁମାନେ ଯୋଗ ଦେଇଥିଲେ। ଉକ୍ତ ସମାରୋହରେ ଜଳର ସୁପରିଚାଳନା, ସୁବିନିଯୋଗ ଏବଂ ସୁଷମ ବ□ନରେ ପାଣି ପଞ୍ଚାୟତର କାର୍ଯ୍ୟ ଓ ଏହାର ଭୂମିକା କଣ ସେ ବିଷୟରେ ଉପସ୍ଥିତ ଅତିଥିମାନେ ସେମାନଙ୍କ ଅଭିଭାଷଣ ରଖିଥିଲେ। ଏଥି ସହିତ ୮ମ ରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ଜିଲ୍ଲାସ୍ତରୀୟ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ମଡେଲର ପ୍ରଦର୍ଶନୀ ପ୍ରତଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଗଲା । ଏତଦ୍ ସହିତ ଉପସ୍ଥିତ ଥିବା ଚାଷୀ ଭାଇମାନେ ମଧ ସେମାନଙ୍କ ବକ୍ତବ୍ୟ ରଖିଥିଲେ ଏବଂ ସେମାନଙ୍କ ସୁବିଧା ଓ ଅସୁବିଧା ମାନ୍ୟବର ବିଧାୟକ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଆଗରେ ଉପସ୍ଥାପନା କରିଥିଲେ। ଚାଷୀମାନଙ୍କ ପ୍ରଶ୍ନରେ ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଓ ନିର୍ବାହୀ ଯନ୍ତ୍ରୀ, ଉଠା ଜଳସେଚନ ବିଭାଜନ, ଗୁଣୁପୁର ନିଜ ନିଜର ଉତ୍ତର ମଧ ଉପସ୍ଥାପନ କରିଥିଲେ।

## ବିଜୁ ଏକ୍ସପ୍ରେସ ୱେ ରଏନଗୁଡା ଛକ ଠାରେ ଅନାବନା ଗଛ ; ଦୁର୍ଘଟଣା ଘଟିବାର ମଧ ଆଶଙ୍କା

କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଧର୍ମଗଡ଼ ଠାରୁ ଆମପାଣି କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ ରଏନଗୁଡା ଛକ ଠାରେ ର୍ଦିଘ ଦିନ ହେବ ଅନାବନା ଗଛ,ଲତା ଭରି ରହିଛି। ରଏନଗୁଡା ଗ୍ରାମର ଲୋକେ ବିଭିନ୍ନ ସମୟରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା ଦେଇଁ ନିଜ ନିଜର ଚାଷ ଜମିକୁ ଏବଂ ବିଭିନ୍ନ କାମରେ ମଧ ବାଇକ ଯୋଗେଁ ଯାତାୟତ କରିଥାନ୍ତି । ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଯାନବାହାନ ଅନାବନା ଗଛ,ଲତା ଯୋଗୁଁ ଗାଡ଼ି ଆସୁଛି କି ନାହିଁ ତାହା ଜଣାପଡୁନାହିଁ । ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ଅନେକ ସମ୍ଭାବନା ରହିଛି । ତେଣୁ ଦୁର୍ଘଟଣା ନଘଟିବା ପୁର୍ବରୁ ଅନାବନା ଗଛ, ଲତା କୁ ସଫା କରାନଗଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ଏଦିଗରେ ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ସଫା କରିବା ପାଇଁ ରଏନଗୁଡା ଗ୍ରାମର ଲୋକେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ରାଜ୍ୟ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ ଅବସରରେ ଆଜି ସ୍ଥାନୀୟ ୟୁନିୟନ ଗ୍ରାମୀଣ ଆମ୍ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଭବନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାର ବିଭିନ୍ନ ପାଣି ପଞ୍ଚାୟତର ଚାଷୀ ଓ କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ ପାଳିତ ହୋଇଯାଇଅଛି । ଗଜପତି ଜିଲ୍ଲାରେ କ୍ଷୁଦ୍ର ଜଳସେଚନ ପ୍ରଭାଗ ଅଧୀନରେ ୧୪୪ଟି ଏବଂ ଉଠା ଜଳସେଚନ ପ୍ରଭାଗ ଅଧୀନରେ ଥିବା ୪୧୪ ଗୋଟି ପାଣି ପଞ୍ଚାୟତର କାର୍ଯ୍ୟକରୀ ହେଉଅଛି । ଆଜିର ଏହି ଉତ୍ସବରେ ଶ୍ରୀଯୁକ୍ତ ଜି.ତିରୁପତି ରାଓ, ଅଧକ୍ଷ,ଜିଲ୍ଲାପରିଷଦ ଗଜପତି , ଶ୍ରୀଯୁକ୍ତ ବିଜୟ କୁମାର ଦାଶ ,ଜିଲ୍ଲାପାଳ ଗଜପତି, ଶ୍ରୀଯୁକ୍ତ ସୁରେଶ କୁମାର ପଟ୍ଟନାୟକ,ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ଏବଂ ମୃତ୍ତିକା ସଂରକ୍ଷଣ ,ଶ୍ରୀଯୁକ୍ତ ସୁଶାନ୍ତ ରଞ୍ଜନ ଦାଶ, ଉପ-ନିର୍ଦ୍ଦେଶକ ଉଦ୍ୟାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ତୁଷାର ରଞ୍ଜନ ସାହୁ ଓ ସମସ୍ତ ପଞ୍ଚାୟତ ସମିତି ଅଧକ୍ଷ/ଅଧକ୍ଷା ମଞ୍ଚାସିନ ଥିଲେ। ଜିଲ୍ଲାର



ସମସ୍ତ ବ୍ଲକ୍ ର ଚାଷୀ ପ୍ରମୁଖ ପାଣି ପଞ୍ଚାୟତର ଭୂମିକା ଓ ଏହାର ସୁପରିଚାଳନା ନିମନ୍ତେ ବିଭିନ୍ନ ପରାମର୍ଶ ଦେବା ସହିତ ଉପସ୍ଥିତ ଥିବା ବିଭିନ୍ନ ପାଣି ପଞ୍ଚାୟତର କୃଷକ ମାନଙ୍କୁ ସଚେତନତା କରାଇଥିଲେ । ଏହି ଅବସରରେ ଓଡିଆ ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଓଡିଆ ବକ୍ତୃତା ଏବଂ ମଡେଲ ପ୍ରତିଯୋଗିତାରେ ଜିଲ୍ଲାସ୍ତରରେ କୃତି ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଗଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବିଭାଗ ଯଥା ପ୍ରାଣୀ ଚିକିତ୍ସା, କୃଷି, ଉଦ୍ୟାନ, ଜଳଛାୟା ବିଭାଗ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ବିଭିନ୍ନ କାର୍ଯ୍ୟନ୍ୱୟନର ମାର୍ଜିତ ରୂପରେଖ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମଟି ଜଳସମ୍ପଦ ବିଭାଗର ଜିଲ୍ଲା ପାଣି ପଞ୍ଚାୟତ ନୋଡାଲ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ମହାରଣା ଙ୍କ ପ୍ରତ୍ୟକ୍ଷ ତ୍ତାବଧାନରେ ପରିଚାଳିତ ହୋଇଥିଲା । ଏଥିରେ ମଞ୍ଚ ପରିଚାଳନା କରିଥିଲେ ଇ.ମୋହିତ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜଳସେଚନ ଉପ-ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏନଡିଏ ଛାଡ଼ିପାରନ୍ତି ନୀତିଶ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଚର୍ଚ୍ଚାରେ ବିହାର ରାଜନୀତି । କାରଣ ପୁଣି ଥରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏନଡିଏ ହାତ ଛାଡ଼ି ଇଣ୍ଡି ମେଣ୍ଟ ଆଡ଼େ ଢଳୁଥିବା ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । କାରଣ ମକର ସଂକ୍ରାନ୍ତି ପରେ ପରେ ବାରମ୍ବାର ନୀତିଶ କୁମାର ଦଳ ବଦଳାଇବାର ଉଦାହରଣ ରହିଛି । ପୂର୍ବବର୍ଷ ବି ବର୍ଷ ଆରମ୍ଭରୁ ଇଣ୍ଡି ମେଣ୍ଟ ଛାଡ଼ି ଏନଡିଏରେ ସାମିଲ ହୋଇଥିଲେ ନୀତିଶ । ପୁଣି ଥରେ ବିହାରର ମୁଖ୍ୟମନ୍ତ୍ରୀ ପଦର ନେଇଥିଲେ ଶପଥ । ତେଣୁ ଏଥର ବି ସେମିତି କିଛି କରିବେ ବୋଲି ଚର୍ଚ୍ଚା ହେଉଛି । ଅବଶ୍ୟ ନୀତିଶଙ୍କ ପକ୍ଷରୁ କିମ୍ବା ତାଙ୍କ ଜଳ ଜେଡିୟୁ ପକ୍ଷରୁ ଏନେଇ କିଛି କୁହାଯାଇନି କି ଏନଡିଏ ନେତା ବି ଏନେଇ କିଛି କହିନାହାନ୍ତି ହେଲେ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ବିହାର ରାଜନୀତିକୁ ପାଖରୁ ଦେଖିଲେ କେତେବେଳେ ନୀତିଶ ଦଳ ଛାଡ଼ି ଦେବେ ସେନେଇ କିଛି କହିବା ମୁସ୍କିଲ । ସେପଟେ ଇଣ୍ଡି ମେଣ୍ଟ ଏବେ ବି ଆଶାବାନ୍ଧି ବସିଛି କି, ପୁଣି ଥରେ ନୀତିଶ ମେଣ୍ଟକୁ ଫେରିବେ ବୋଲି । ଏପଟେ ଏନଡିଏର ନେତା ଦାବି କରିଛନ୍ତି ଯେ ଆରଜେଡିର ୧୨ରୁ ଅଧିକ ନେତା ଏନଡିଏ ସମ୍ପର୍କରେ ଅଛନ୍ତି । କୌଣସି ମୁହୂର୍ତ୍ତରେ ବି ସେମାନେ ଦଳରେ ବିଧିବଦ୍ଧ ଭାବରେ ସାମିଲ ହୋଇପାରନ୍ତି । ନୀତିଶ ଏନଡିଏ ହାତ ଛାଡ଼ିବେ ବୋଲି ଏଇଥିଲାଗି ଚର୍ଚ୍ଚା ହେଉଛି କି,



କିଛିଦିନ ହେବ ନୀତିଶ ଗଣମାଧ୍ୟମରୁ ନିଜକୁ ଦୂରେଇ ରଖୁଛନ୍ତି । ଖାଲି ଦୂରେଇ ରଖୁଛନ୍ତି ତାହା ନୁହେଁ ବରଂ ଗଣମାଧ୍ୟମର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ରଖୁଥିବା ନୀତିଶ ଏବେ କୌଣସି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି । ଆଉ ଯେବେ ଯେବେ ନୀତିଶ ଚୁପ୍ ରହିଛନ୍ତି, ସେବେ ସେବେ ଦଳ ବଦଳାଇଛନ୍ତି । ତେଣୁ ଚର୍ଚ୍ଚା ହେବାର ଇଏ ଗୋଟିଏ କାରଣ ହୋଇଥାଇପାରେ । ସଜସଜ ଦିବଙ୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନିଧନରେ ଶେଷ ଦର୍ଶନ ଲାଗି ପହଞ୍ଚିଥିଲେ ନୀତିଶ । ଏହି ସମୟରେ ମନମୋହନଙ୍କ ପରିବାର ସହ ଅନେକ କଂଗ୍ରେସ ନେତାଙ୍କୁ ଭେଟିଥିଲେ । କିନ୍ତୁ ଏନଡିଏର ନେତାଙ୍କ ସହ ସେମିତି ନଜରକୁ ଆସିନଥିଲେ । ପୂର୍ବରୁ ବି ଦିଲ୍ଲୀରେ ଅମିତ ଶାହ ଡାକିଥିଲା ବୈଠକରେ ସାମିଲ ହୋଇନଥିଲେ ନୀତିଶ । ଯେହେତୁ କେନ୍ଦ୍ର ସରକାରରେ ନୀତିଶଙ୍କ ସମର୍ଥନ ରହିଛି ତେଣୁ ନୀତିଶ ନୟିବା ରାଜନୀତିକୁ ଆହୁରି ସରଗରମ କରିଛି । ଗୋଟିଏ ପଟେ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ହେଲେ ନୀତିଶଙ୍କର ଦେଖା ମିଳିନଥିଲା । ନୀତିଶ ଅସନ୍ତୋଷ ହେବାର ଅନ୍ୟ ଏକ କାରଣ ହେଉଛି ଦିଲ୍ଲୀ ବିଧାନସଭା ନିର୍ବାଚନ । ଏହି ନିର୍ବାଚନରେ ଜେଡିୟୁ ଲଢ଼ିବାକୁ ଇଚ୍ଛା ରଖିଥିଲେ ବି ଏନଡିଏ ସିଟ୍ ଭାଗବଂଟାକୁ ସଫାସଫା ମନା କରିଦେଇଛି ।

# ପଞ୍ଜାବରେ ବଦଳିବ ରାଜନୈତିକ ସମୀକରଣ

**ଚଣ୍ଡୀଗଡ,୨।୧(ଏଜେନ୍ସି):** ପଞ୍ଜାବରେ ହେବ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ । ଖଲିସ୍ତାନୀ ନେତା ଅମୃତପାଲ ସିଂହ ଏବେ ନୂତନ ଦଳ ତିଆରି କରିବାର ପ୍ରସ୍ତୁତିରେ । ସେ ଏହାର ଘୋଷଣା ଆସନ୍ତା ୧୪ ତାରିଖରେ କରିପାରନ୍ତି । ଅମୃତପାଲ୍ ନିଜର ନୂଆ ପାର୍ଟି ଗଠନ ନେଇ ମୁକ୍ତସର ସାହିବରେ ହେବାକୁ ଥିବା ମାଘ ମେଳାରେ ଘୋଷଣା କରିବେ । ଏହି ମେଳାରେ ବହୁ ସଂଖ୍ୟକ ଶିଖ୍ ସମାଜର ଲୋକ ଏକାଠି ହୁଅନ୍ତି । ଲୋହଡି ଅବସରରେ ହେଉଥିବା ମେଳା ପଞ୍ଜାବରରେ ଖୁବ୍ ମହତ୍ୱ ରଖେ । ଏହାଛଡା ଅମୃତପାଲ ସିଂହଙ୍କ ବାପା ଓ ତାଙ୍କ ସମର୍ଥକମାନେ ପନ୍ଥ ବଞ୍ଚାଅ, ପଞ୍ଜାବ ବଞ୍ଚାଅ ରାଲିର ଯୋଜନା ମଧ୍ୟ ଆୟୋଜନ କରିଛନ୍ତି । ଏହି ରାଲିରେ ପାର୍ଟିର ଘୋଷଣା ଅମୃତପାଲ ସିଂହଙ୍କ ପରିବାର ଓ ସମର୍ଥକଙ୍କ ପକ୍ଷରୁ କରାଯିବ । ଉଲ୍ଲେଖନୀୟ ଯେ, ଅମୃତପାଲ ସିଂହ ବର୍ତ୍ତମାନ ଆସାମର ଡେବ୍ରୁଗଡ ଜେଲରେ ଅଛନ୍ତି । ତାଙ୍କ ବିରୋଧରେ 'ରାସୁକା' ଅର୍ଥାତ ଏନଏସଏ(ନ୍ୟାସନାଲ ସିକ୍ୟୁରିଟି ଆକ୍ଟ) ଲଗାଯାଇଛି । ଅମୃତପାଲ ୨୦୨୪ ଲୋକସଭା ନିର୍ବାଚନ ଜିତିସାରିଛନ୍ତି । ଏବେ ସେ ଜେଲରେ ଅଛନ୍ତି । ନିର୍ବାଚନ ପାଇଁ ତାଙ୍କ ପରିବାର ଲୋକ ପ୍ରଚାର କରିଥିଲେ ଏବଂ ଏକ ବଡ଼ ବ୍ୟବଧାନରେ ସେ ଜିତିଥିଲେ । ଏବେ ଅମୃତପାଲ ସିଂହଙ୍କ ରାଜନେତିକ ଦଳ ଗଠନ କରିବାର ଘୋଷଣା ତାଙ୍କ ବାପା ତରସେମ୍ ସିଂହଙ୍କ ସହଯୋଗୀ ସୁଖବିନ୍ଦର ସିଂହ ଅଗଭାନ କରିଛନ୍ତି । ସୁଖବିନ୍ଦର କଠୋରପନ୍ଥୀ ବିଚାରଧାରାର ଜଣେ ବ୍ୟକ୍ତି । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାରେ ସାମିଲ ଥିବା ସତଓ୍ୱନ୍ତ ସିଂହଙ୍କ ପୁତୁରା । ଅମୃତପାଲ ସିଂହ ଓ ତାଙ୍କ ପରିବାର ଭିତରେ ଖୁବ୍ ଘନିଷ୍ଠ ସମ୍ପର୍କ ରହିଛି ।

# ରକ୍ତରେ ଭାସିଲା ଗାଜା

**ଗାଜା,୨।୧(ଏଜେନ୍ସି):** ଉତ୍ସବ, ଆନନ୍ଦ ଏବଂ ନୂତନ ଆଶା ସହିତ ସମଗ୍ର ବିଶ୍ୱ ନୂତନ ବର୍ଷରେ ପ୍ରବେଶ କରିଥିବାବେଳେ ଗାଜାରେ ନୂତନ ବର୍ଷର ପ୍ରଥମ ଦିନ ମଧ୍ୟ ରକ୍ତରେ ଭାସିଛି । ୨୦୨୫ ବର୍ଷର ପ୍ରଥମ ଦିନରେଗାଜା ଯୁଦ୍ଧ ଏହାର ୪୫୩ ତମ ଦିନରେ ପ୍ରବେଶ କରିଛି, ବର୍ଷର ପ୍ରଥମ ଦିନରେ ମଧ୍ୟ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି । ବୁଧବାର ଉତ୍ତର ଜବାଲିଆ ଏବଂ କେନ୍ଦ୍ରୀୟ ଅଲ-ବୁରିଜ କ୍ୟାମ୍ପରେ ଇସ୍ରାଏଲ ବୋମା ବିସ୍ଫୋରଣରେ ୧୭ ପାଲେଷ୍ଟାଇନୀୟଙ୍କର ମୃତ୍ୟୁ ଘଟିଛି । ଏହା ସହିତ ରିଲିଫ କ୍ୟାମ୍ପରେ ମଧ୍ୟ ଲୋକଙ୍କ ଜୀବନ ଯାଇଛି । ଗତ କିଛି ଦିନ ହେବ ବର୍ଷା ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି । ବର୍ଷା ତମ୍ବୁକୁ ବୁଡ଼ାଇ ଦେଇଛି ଏବଂ ଗାଜାରେ ଇସ୍ରାଏଲର ପ୍ରତିବନ୍ଧକ ପରିସ୍ଥିତିକୁ ଆହୁରି ଖରାପ କରୁଛି । ମିଳିତ ଜାତିସଂଘ କହିଛି ଯେ, ଗାଜାର ଡାକ୍ତରଖାନା ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁ ସ୍ୱାସ୍ଥ୍ୟ ସେବାକୁ ନଷ୍ଟ ହୋଇଯାଇଛି । ଜାତିସଂଘ ଏହା ମଧ୍ୟ କହିଛି ଯେ, ଏହି ଆକ୍ରମଣ କରିବା ପଛରେ ଇସ୍ରାଏଲର କାରଣ, ପାଲେଷ୍ଟାଇନ ସଶସ୍ତ୍ର ଗୋଷ୍ଠୀ ଏହି ସୁବିଧା ବ୍ୟବହାର କରୁଛନ୍ତି । ଏହା ମିଥ୍ୟା ଏବଂ ସର୍ବସାଧାରଣଙ୍କ ନିକଟରେ ଉପଲବ୍ଧ ତଥ୍ୟର ବିପରୀତ । ଇସ୍ରାଏଲ୍ ଆକ୍ରମଣ ପରେ ମଧ୍ୟ ହମାସ୍ର ଅଲ-କାସାମ ବ୍ରିଗେଡ୍ ଇସ୍ରାଏଲ୍ ବାହିନୀ ଏବଂ ବସ୍ତିବାସିନ୍ଦାଙ୍କୁ ଟାର୍ଗେଟ କରିଚାଲିଛି । ହମାସର ସାମରିକ ୱିଙ୍ଗ ଅଲ-କାସାମ ବ୍ରିଗେଡ ଘୋଷଣା କରିଛି ଯେ ଏହାର ଯୁଦ୍ଧବିମାନ ଇସ୍ରାଏଲର ନେଟିଭୋଟ ବସ୍ତିରେ ରକେଟ ମାଡ଼ କରିଛି ।

# ମୋହନ ଭାଗବତଙ୍କୁ ଚିଠି ଲେଖିଲେ କେଜ୍ରିୱାଲ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଚଳିତବର୍ଷ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଜାନୁଆରୀ କିମ୍ବା ଫେବୃଆରୀରେ ହୋଇପାରେ ଭୋଟ ଗ୍ରହଣ । ନିର୍ବାଚନ ପୂର୍ବରୁ ଦିଲ୍ଲୀ ରାଜନୈତିକ ପାଣିପାଗ ସରଗରମ ରହିଛି । ଶାସକ ଆପ୍ ଓ ବିଜେପି ମଧ୍ୟରେ ବୟାନବାଜି ନିଶାନା ବି ଜାରି ରହିଛି। ଜନତାଙ୍କ ପାଇଁ ପ୍ରତିଶ୍ରୁତି ପେଡି ଖୋଲି ଦେଉଛନ୍ତି ରାଜନୈତିକ ଦଳ । ଏହାରି ଭିତରେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ ଚିଠି ଲେଖିଛନ୍ତି ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ । ବିଜେପିକୁ ନେଇ ଚିଠିରେ ୪ଟି ପ୍ରଶ୍ନ ପଚାରିଛନ୍ତି । ଚିଠିରେ ବିଜେପି ଉପରେ ଏକାଧିକ ଆରୋପ ଲଗାଇବା ସହ ଗତ ବର୍ଷରେ ଭାରତୀୟ ଜନତା ପାର୍ଟି ଯେଉଁ ଭୁଲ କରିଛି ତାକୁ ଆରଏସଏସ ସମର୍ଥନ କରୁଛି କି ବୋଲି ପ୍ରଶ୍ନ କରିଛନ୍ତି କେଜ୍ରିୱାଲ । ଟଙ୍କା ବାଣ୍ଟିବା, ଦଳିତ ଲୋକଙ୍କ ଭୋଟ କାଟିବା ଏବଂ ଗଣତନ୍ତ୍ରକୁ ଦୁର୍ବଳ କରିବା ପରି ଅଭିଯୋଗ ବିଜେପି ନାମରେ ଆଣିଛନ୍ତି ଆପ୍ ସୁପ୍ରିମୋ। ଚିଠିରେ କେଜ୍ରିୱାଲ ପଚାରିଛନ୍ତି ଭାଜପା ଗତ ଦିନରେ ଯେଉଁ ଭୁଲ କରିଛି କଣ ଆରଏସଏସ ତାର ସମର୍ଥନ କରୁଛି କି ? କେଜ୍ରିୱାଲ ଚିଠିରେ ଆହୁରି ଲେଖିଛନ୍ତି, ଭାଜପା ନେତା ଖୋଲାଖୋଲି ଟଙ୍କା ବାଣ୍ଟୁଛନ୍ତି । କଣ ଆରଏସଏ ଭୋଟ କିଣିବାକୁ ସମର୍ଥନ କରୁଛି ? ଦଳିତଙ୍କ ଭୋଟ କାଟି ଦିଆଯାଉଛି । ଆରଏସଏସକୁ ଲାଗୁଛି କି ଏହା ଗଣତନ୍ତ୍ର ପାଇଁ ଠିକ୍ । ଆରଏସଏସକୁ ଲାଗୁନାହିଁ କି ବିଜେପି ଗଣତନ୍ତ୍ରକୁ ଦୁର୍ବଳ କରୁଛି ବୋଲି । ୩ ମାସ ପୂର୍ବରୁ ମଧ୍ୟ ଅରବିନ୍ଦ କେଜ୍ରିୱାଲ ମୋହନ ଭାଗବତଙ୍କୁ ଚିଠି ଲେଖିଥିଲେ । ସେଥରେ ମୋଦିଙ୍କ ରିଟାୟରମେଣ୍ଟ ସମେତ ୫ ପ୍ରଶ୍ନ ପଚାରିଥିଲେ । ଭାଜାପା ଉପରେ ଭ୍ରଷ୍ଟାଚାର ନେତାଙ୍କୁ ଦଳରେ ସ୍ଥାନ ଦେବା ଅଭିଯୋଗ କରିଥିଲେ । ଭାଜପା ଓ ଆରଏସଏସ ସମ୍ପର୍କ ଉପରେ ପ୍ରଶ୍ନ ଉଠାଇଥିଲେ । ଏବେ ପୁଣି ଆଉ ଏକ ଚିଠି ଲେଖିଛନ୍ତି ଯେବେ ମୁଣ୍ଡ ଉପରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି ।




# କମିଲା ଏଲପିଜି ସିଲିଣ୍ଡର ଦର

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ନୂଆବର୍ଷ ଖୁସି ଖବର ନେଇ ଆସିଛି । ୧ ଜାନୁଆରୀ ୨୦୨୫ଠାରୁ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦର କମିଛି । ସରକାରୀ ତେଲ କମ୍ପାନୀଗୁଡିକ ବର୍ଷର ପ୍ରଥମ ଦିନରୁ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୪.୫୦ ଟଙ୍କା ହ୍ରାସ କରିଛନ୍ତି । ତେବେ ଘରୋଇ ସିଲିଣ୍ଡର ଦର ପୂର୍ବଭଳି ଅପରିବର୍ତ୍ତିତ ରହିଛି । ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀର ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦାମ୍ ୧୮୧୮.୫୦ ଟଙ୍କାରୁ ୧୮୦୪ ଟଙ୍କାକୁ ଖସି ଆସିଛି । ସେହିପରି କୋଲକାତାର ମୂଲ୍ୟ ଏହାର ଦର ୧୯୧୧ ଟଙ୍କାକୁ ଖସି ଆସିଛିୟ ପୂର୍ବରୁ ଏହାର ଦାମ୍ ୧୯୨୭ ଟଙ୍କା ଥିଲା । ମୁମ୍ବାଇରେ ଏହାର ମୂଲ୍ୟ ୧୭୫୬ ଟଙ୍କାକୁ ଖସି ଆସିଛି । ଏହା ଦାମ୍ ପୂର୍ବରୁ ୧୭୭୧ ଟଙ୍କା ଥିଲା । ଚେନ୍ନାଇରେ ବ୍ୟବସାୟିକ ସିଲିଣ୍ଡର ଦାମ୍ ୧୯୬୬କୁ ଖସିଛି । ପୂର୍ବରୁ ଏହାର ଦାମ୍ ୧୯୮୦.୫୦ ଟଙ୍କା ଥିଲା । ବିହାରର ରାଜଧାନୀ ପାଟନାରେ ୧୯କିଲୋଗ୍ରାମ ଏଲପିଜି ସିଲିଣ୍ଡର ଭରିବା ପାଇଁ ଏବେ ୨୦୯୫.୫୦ ଟଙ୍କା ଦେବାକୁ ପଡିବୟ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ୧୯୨୫ଟଙ୍କା ଦେବାକୁ ପଡିବ ଏବଂ ନୋଏଡାରେ ୧୮୦୨.୫୦ ଟଙ୍କା ଦେବାକୁ ପଡିବ । ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡର ଭରିବା ପାଇଁ ୧ ଜାନୁୟାରି ୨୦୨୫ ଠାରୁ ୨୦୭୩ ଟଙ୍କା ଏବଂ ଝାଡଖଣ୍ଡର ରାଜଧାନୀ ରାଞ୍ଚିରେ ୧୯୬୨.୫୦ ଟଙ୍କା ଦେବାକୁ ପଡିବ । ଏହା ଦ୍ୱାରା ବର୍ତ୍ତମାନ ହୋଟେଲ ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇବା ପାଇଁ ବିଲ୍ ଅଧିକ ହେବ ନାହିଁ ବୋଲି ସମ୍ଭାବନା ରହିଛି । ସେହିପରି ଅନ୍ଲାଇନ୍ ଖାଦ୍ୟ ଅର୍ଡର ମଧ୍ୟ ଶସ୍ତା ହୋଇପାରେ ବୋଲି କୁହାଯାଉଛି । କେବଳ ହୋଟେଲ,ଢାବା ତଥା ଅନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଦୋକାନରେ ୧୯ କିଲୋଗ୍ରାମ ବ୍ୟବସାୟିକ ସିଲିଣ୍ଡର ବ୍ୟବହାର କରାଯାଇଥାଏ । ସେମାନଙ୍କୁ ୧୪ କିଲୋଗ୍ରାମ ଘରୋଇ ସିଲିଣ୍ଡର ବ୍ୟବହାର କରିବାକୁ ଅନୁମତି ନାହିଁ । ଗତ କିଛି ମାସ ଧରି ଲଗାତାର, ୧୯ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ବୃଦ୍ଧି ପାଉଥିଲା । ତେବେ ନୂଆବର୍ଷର ପ୍ରଥମ ଦିନରେ ଏହା କମିଛି ।

# ଯାତ୍ରୀମାନଙ୍କ ପାଇଁ ମାଗଣାରେ ୱାଇ-ଫାଇ ଘୋଷଣା କଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ନୂଆବର୍ଷ ଅବସରରେ ଏୟାର ଇଣ୍ଡିଆ ଏହାର ଯାତ୍ରୀମାନଙ୍କୁ ଏକ ବଡ ଉପହାର ଦେଇଛି । ଘରୋଇ ବିମାନରେ ମାଗଣା ୱାଇ-ଫାଇ ଇଣ୍ଟରନେଟ୍ ଲଞ୍ଚ କରିଥିବା ଏୟାର ଇଣ୍ଡିଆ ପ୍ରଥମ ଭାରତୀୟ ବିମାନ କମ୍ପାନୀ ହୋଇପାରିଛି । ଏୟାର ଇଣ୍ଡିଅର ଦ୍ୱାରା ଜାରି ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ ଏୟାରବସ୍ ଏ୩୫୦, ବୋଇଙ୍ଗ ୭୮୭-୯ ଏବଂ ଏୟାରବସ୍ ଏ୩୨୧ନିଓ ବିମାନରେ ଥିବା ଯାତ୍ରୀମାନେ ଇଣ୍ଟରନେଟ୍ ବ୍ରାଉଜ୍ କରିପାରିବେ, ସୋସିଆଲ୍ ମିଡିଆ ଦେଖିପାରିବେ, ୧୦୦୦୦ ଫୁଟ ଉପରେ ଉଡ଼ିବା ସମୟରେ ବି ଇଣ୍ଟରନେଟର ବ୍ୟବହାର କରି ବ୍ରାଉଜିଙ୍ଗ କରିପାରିବେ । ଏହାପୂର୍ବରୁ ଏୟାର ଇଣ୍ଡିଆର ଆନ୍ତର୍ଜାତୀୟ ରୁଟ ନ୍ୟୁୟର୍କ, ଲଣ୍ଡନ, ପ୍ୟାରିସ ଏବଂ ସିଙ୍ଗାପୁରରେ ଏହି ସେବା ଯୋଗାଇ ଦିଆଯାଉଛି । ବର୍ତ୍ତମାନ ପାଇଲଟ୍ ପ୍ରୋଜେକ୍ଟ ପ୍ରୋଗ୍ରାମ ଅଧୀନରେ ଘରୋଇ ମାର୍ଗରେ ଏହା ଆରମ୍ଭ ହୋଇଛି । ଏୟାର ଇଣ୍ଡିଆ ସମୟ ସହିତ ଏହାର ଜାହାଜର ଅନ୍ୟ ବିମାନରେ ଏହି ସେବା ଆରମ୍ଭ କରିବାକୁ ଯୋଜନା କରୁଛି । ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ ଆଇଓଏସ୍ କିମ୍ବା ଆଣ୍ଡ୍ରଏଡ୍ ଓଏସ୍ ସହିତ ଲାପଟପ୍, ଟାବଲେଟ୍ ଏବଂ ସ୍ମାର୍ଟଫୋନରେ ୱାଇ-ଫାଇ ସେବା ମାଗଣାରେ ଉପଲବ୍ଧ ହେବ । ଏୟାର ଇଣ୍ଡିଆର ମୁଖ୍ୟ ଗ୍ରାହକ ଅଭିଜ୍ଞତା ଅଧିକାରୀ ରାଜେଶ ଡୋଗ୍ରା କହିଛନ୍ତି ଯେ ସଂଯୋଗ ବର୍ତ୍ତମାନ ଆଧୁନିକ ଭ୍ରମଣର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି । ସେ କହିଛନ୍ତି ଯେ ଆମେ ନିଶ୍ଚିତ ଯେ ଆମର ଯାତ୍ରୀମାନେ ୱେବ ସହିତ ସଂଯୋଗ ହେବାର ସୁବିଧାକୁ ପ୍ରଶଂସା କରିବେ ଏବଂ ବିମାନରେ ଥିବା ଏୟାର ଇଣ୍ଡିଆର ନୂତନ ଅଭିଜ୍ଞତାକୁ ଉପଭୋଗ କରିବେ ।

# ଗୁଜୁରାଟରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ପୁଣି ଥରିଲା ଗୁଜୁରାଟ । ଆଜି ଗୁଜୁରାଟରେ କୁଚ୍ ଜିଲ୍ଲାରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୨ ରେକର୍ଡ କରାଯାଇଛି । ତେବେ ଏହି ଭୂକମ୍ପଜନିତ ଆହତ କିମ୍ବା କ୍ଷୟକ୍ଷତି ସମ୍ବନ୍ଧରେ ଏବେ ସୁଦ୍ଧା କୌଣସି ସୂଚନା ମିଳିପାରିନାହିଁ । ଭୂକମ୍ପ ସମୟରେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ । ଜାତୀୟ ଭୂକମ୍ପ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆଜି (ବୁଧବାର) ସକାଳେ ଗୁଜୁରାଟର କୁଚ୍ ଜିଲ୍ଲାରେ ୩.୨ ତୀବ୍ରତାର ଏହି ଭୂକମ୍ପ ଅନୁଭୂତ ହୋଇଛି । ଏହି ଭୂମିକମ୍ପର ଗଭୀରତା ୨୩ କିଲୋମିଟର । ଅନ୍ୟପଟେ ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି ସୂଚନା ମିଳିନି । ସେହିପରି ଗତ ମାସରେ, ୩ ଦିନ ପୂର୍ବରୁ ୩.୨ ମ୍ୟାଗ୍ନିଚ୍ୟୁଡର ଭୂକମ୍ପ ସମେତ ଏହି ଅଞ୍ଚଳରେ ୩ ରୁ ଅଧିକ ମ୍ୟାଗ୍ନିଚ୍ୟୁଡର ୪ଟି ଭୂକମ୍ପ କାର୍ଯ୍ୟକଳାପ ରେକର୍ଡ କରାଯାଇଥିଲା । ଯାହାର ଭୂକମ୍ପ ମଧ୍ୟ ଭାଚୁଆ ନିକଟରେ ଥିଲା । ISR ଅନୁଯାୟୀ, ଡିସେମ୍ବର ୨୩ ରେ ୩.୭ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଏବଂ ଡିସେମ୍ବର ୭ ରେ ୩.୨ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଘଟିଛି । ଗତ ବର୍ଷ ନଭେମ୍ବର ୧୮ରେ କଚ୍ଛରେ ୪ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଘଟିଥିଲା । ଏହା ପୂର୍ବରୁ ନଭେମ୍ବର ୧୫ ରେ, ଓଝଜ ତଥ୍ୟ ଅନୁଯାୟୀ ଉତ୍ତର ଗୁଜୁରାଟର ପାଟାନରେ ୪.୨ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଘଟିଥିଲା ।

# ପୁଣି ରେଳ ଦୁର୍ଘଟଣା ଷଡ଼ଯନ୍ତ୍ର

**କାନପୁର,୨।୧(ଏଜେନ୍ସି):** ରେଲୱେ ଟ୍ରାକରୁ ପୁଣି ମିଳିଲା ଗ୍ୟାସ୍ ସିଲିଣ୍ଡର । ଖେଳିଗଲା ଆତଙ୍କ । କୌଣସି ବଡ଼ ଧରଣର ଷଡଯନ୍ତ୍ରର ଆଶଙ୍କା ବଢ଼ିଛି । ଉତ୍ତର ପ୍ରଦେଶର ଶିବରାଜପୁର ଅଞ୍ଚଳରେ ଥିବା ଷ୍ଟେସନରୁ ମିଳିଛି ଏହି ଏଲପିଜି ଗ୍ୟାସ୍ । ତାକୁ ଏକ ବ୍ୟାଗରେ ରଖାଯାଇଥିଲା । ପାଞ୍ଚ କିଲୋଗ୍ରାମ ବିଶିଷ୍ଟ ଏହି ଖାଲି ସିଲିଣ୍ଡର ମଙ୍ଗଳବାର ରାତିରେ ମିଳିଲା । ସୂଚନା ମିଳିବା ପରେ ବୁଧବାର ଜିଆରପି ଏବଂ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାପରେ ଯାଞ୍ଚ ପାଇଁ ଏକ ଟିମ୍ ଗଠନ କରାଯାଇଛି । ରେଳ କର୍ମଚାରୀ ରମେଶ ଚନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଫାରୁଖାବାଦ GRP ପୁଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଛି । ଚାରି ମାସ ପୂର୍ବେ ବି ଉକ୍ତ ଅଞ୍ଚଳରେ ଟ୍ରାକରେ ବଡ଼ ଏଲପିଜି ଗ୍ୟାସ ସିଲିଣ୍ଡର ଓ ପେଟ୍ରୋଲ ବମ୍ ରଖି କାଳନ୍ଦି ଏକ୍ସପ୍ରେସ ଟ୍ରେନକୁ ଓଲଟାଇବାକୁ ଚେଷ୍ଟା କରାଯାଇଥିଲା । ପୁରୁଣା ମାମଲାରେ ପୁଲିସ ଏବଂ ଏଟିଏସ୍ ମିଳିତ ତଦନ୍ତ କରୁଛନ୍ତି । ତଥାପି ଏପର୍ଯ୍ୟନ୍ତ କୌଣସି ଖୁଲାସା ହୋଇପାରିନି । ଏବେ ଏହି ଘଟଣା ସହ ପୁରୁଣା ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି । ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ ଚାଲିଛି । ଏପରିକି ଅନେକ ଲୋକଙ୍କର ବୟାନ ମଧ୍ୟ ରେକର୍ଡ କରାଯାଇଛି ।

# ଆଇଓଏସ ଉପକରଣଗୁଡ଼ିକ ଫିସିଂ ଆକ୍ରମଣ ପାଇଁ ଅଧିକ ବିପଦଯୁକ୍ତ

**ନୂଆଦିଲ୍ଲୀ, ୨।୧(ଏଜେନ୍ସି):** ଆଧାରିତ ଲୁକ୍ଆଉଟ, ଏକ ତଥ୍ୟ-କୈନ୍ଦ୍ରିକ କ୍ଲାଉଡ୍ ସୁରକ୍ଷା ପ୍ରଦାନକାରୀ କମ୍ପାନୀ, ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନରେ କହିଛି ଯେ, ଆଣ୍ଡ୍ରୋଏଡ୍ ତୁଳନାରେ ଏହି ଫିସିଂ ଏବଂ ୱେବଯୁକ୍ତ ଆକ୍ରମଣ ଦ୍ୱାରା ଆଇଓଏସ ଉପକରଣ ଗୁଡ଼ିକ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥାଏ। ଏହି ସର୍ଭେ କ୍ୟାଲେଣ୍ଡର ବର୍ଷ (୨୦୨୪)ର ତୃତୀୟ ତ୍ରୈମାସିକ (ଜୁଲାଇ-ଅଗଷ୍ଟ)କୁ ସମ୍ପୂର୍ଣ୍ଣ ଭାବରେ ଆଚ୍ଛାଦିତ କରିଛି। ଲୁକ୍ଆଉଟ ଥ୍ରେଟଲାବର ଅନୁସନ୍ଧାନକାରୀମାନେ କେତେଗୁଡ଼ିଏ ବିଶେଷ ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି ଯାହା ମଧ୍ୟରେ ରହିଛି, ଉଦ୍ୟୋଗୀ ଆକର୍ଷଣକାରୀ କୃତିତ୍ୱ ନିଦର୍ଶନର ୧୭% ଚୋରୀ ବୃଦ୍ଧି ତଥା ଶେଷ ତ୍ରୈମାସିକର ଏହାକୁ ଫିସିଂ କରିବାର ଉଦ୍ୟମ, ମନ୍ଦ ଉଦ୍ଦେଶ୍ୟକାରୀ ଆପ୍ ଚିହ୍ନଟକାରୀ ସଂଖ୍ୟାରେ ୩୨% ବୃଦ୍ଧି ତଥା ଅତି କୌତୁହଳର ବିଷୟ ମଧ୍ୟରେ ରହିଛି ଏହି ଆଇଓଏସ ଉପକରଣଗୁଡ଼ିକ ଅଧିକ ମାତ୍ରାରେ ଫିସିଂ ଏବଂ ୱେବଯୁକ୍ତ ଆକ୍ରମଣ ଦ୍ୱାରା ଶିକାର ହେବା। ଲୁକ୍ଆଉଟ୍ ମୁତାବକ, ୨୦୨୪ର ପ୍ରଥମ ତ୍ରୈମାସିକରେ ୧୯% ଉଦ୍ୟୋଗୀ ବ୍ୟବହାରକାରୀ ଆଇଓଏସ ଉପକରଣଯୁକ୍ତ ଅନ୍ତତଃ ଗୋଟିଏ ମୋବାଇଲ ଏହି ଫିସିଂ ଆକ୍ରମଣର ଶିକାର ହୋଇଛନ୍ତି। ଅପରପକ୍ଷରେ ତୁଳନାତ୍ମକ ଭାବରେ ସମ୍ପୂର୍ଣ୍ଣ ଛବି ଆଣ୍ଡ୍ରୋଏଡ଼ ଉପକରଣ କ୍ଷେତ୍ରରେ ମାତ୍ର ୧୦.୯% ରହିଛି ଯାହା କମ୍ପାନୀ ମତବ୍ୟକ୍ତ କରିଛି। ସାଇବର ଅପରାଧି ଗୋଷ୍ଠୀମାନଙ୍କ ଆଧୁନିକତମ କୌଶଳ ତଥା ଟାର୍ଗେଟକୁ ନେଇ ମୋବାଇଲ ଆକ୍ରମଣର ଏହି ଭୌଗୋଳିକ ସ୍ଥିତି ଅତି ଉଦ୍‌ବେଗଜନକ ଭାବରେ ସେମାନଙ୍କର ପ୍ରାରମ୍ଭିକ ସ୍ତରରେ ବିକାଶ ତଥା ବୃଦ୍ଧି ପାଇବାରେ ଲାଗିଛି, ଲୁକ୍ଆଉଟ ନିଜର ମତବ୍ୟକ୍ତ କରି କହିଛି। ଅତିରିକ୍ତ ଭାବରେ ଲୁକ୍ଆଉଟ ଥ୍ରେଟଲାବରେ କାର୍ଯ୍ୟରତ ଅନୁସନ୍ଧାନକାରୀମାନେ ନିକଟରେ ଦୁଇଟି ଅତ୍ୟନ୍ତ ବିପଦଯୁକ୍ତ ମୋବାଇଲ ସର୍ଭେଲାନ୍ସ ୱେର ପରିବାରକୁ ଖୋଜି ପାଇଛନ୍ତି ଯେଉଁମାନେକି କିଛି ସମୟ ଧରି ଏହି ଟ୍ରାକିଂ କାର୍ଯ୍ୟକଳାପରେ ରହିଛନ୍ତି।

# ଭାରତ ପାଇଁ ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା ୨୦୨୪

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ବିଦାୟ ନେଇଛି ବର୍ଷ ୨୦୨୪ । ୨୦୨୫କୁ ଲୋକେ ଖୁବ ଧୁମଧାମରେ ସ୍ୱାଗତ ମଧ୍ୟ କରିଛନ୍ତି । କିନ୍ତୁ ବିତିଯାଇଥିବା ବର୍ଷ ୨୦୨୪ ଭାରତ ପାଇଁ ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା ବୋଲି ଜାତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର (ଆଇଏମଡି) ଆନୁଷ୍ଠାନିକ ଭାବେ ଘୋଷଣା କରିଛି । ୧୯୦୧ ମସିହା ପରେ ଏଭଳି ତାପମାତ୍ରା କେବେ ଅନୁଭବ ହୋଇନଥିଲା । ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ହାରାହାରି ୦.୯୦ ସେଲିସିୟସ ଅଧିକ ତାପାମାତ୍ରା ଭାରତରେ ଅନୁଭୁତ ହୋଇଛି । ସାମ୍ବାଦିକ ସମ୍ମିଳନୀରେ ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ୨୦୨୪ରେ ଭୂପୃଷ୍ଠର ତାପମାତ୍ରା ହାରାହାରି ୦.୬୫ ଡିଗ୍ରି ଥିଲା । ଯାହା ବିଗତ ବର୍ଷମାନଙ୍କ ଠାରୁ ବହୁ ଅଧିକ । ଏହା ପୂର୍ବରୁ ୨୦୨୬ରେ ୦.୫୪ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିଲା ୟ ୟୁରୋପୀୟ ଜଳବାୟୁ ଏଜେନ୍ସି କପରନିକସ୍ ଅନୁସାରେ, ୨୦୨୪ ବିଶ୍ୱର ସବୁଠାରୁ ଉତ୍ତପ୍ତ ବର୍ଷ ହୋଇପାରେ । ୨୦୨୪ରେ ତାମମାତ୍ରା ୧.୫ ଡିଗ୍ରି ସେଲସିୟସରୁ ଅଧିକ ବୃଦ୍ଧି ପାଇଥିଲା, ଯାହା ପ୍ରଥମ ଥର ଲାଗି ଶିଳ୍ପାୟନର ପୂର୍ବ ସ୍ତରକୁ ଟପିଯାଇଛି । ସେପଟେ ୨୦୨୩ ତୁଳନାରେ ୨୦୨୪ରେ ଅତିରିକ୍ତ ୪୧ ଉତ୍ତପ୍ତ ଦିନ ସାମିଲ ହୋଇଥିଲା ବୋଲି ୱାର୍ଲଡ୍ ୱେଦର ଆଟ୍ରିବ୍ୟୁସନ୍ ଏବଂ କ୍ଲାଇମେଟ୍ ସେଣ୍ଟ୍ରାଲ ମିଳିତ ରିପୋର୍ଟ ପ୍ରକାଶ କରିଛନ୍ତି । ଆଇଏମଡି ତଥ୍ୟ ଅନୁସାରେ, ଭାରତରେ କ୍ରମାଗତ ଭାବରେ ତାପାମାତ୍ରା ବୃଦ୍ଧି ହେଉଛି ଏବଂ ପାଣିପାଗର ପ୍ୟାଟର୍ଣ୍ଣରେ ଅସମାନତା ଦେଖାଦେଉଛି । ଗତବର୍ଷ ଅଧିକରୁ ଅଧିକ ହିଟୱେଭ ଅନୁଭୁତ ହୋଇଥିବା ବେଳେ ଅନିୟମିତ ବର୍ଷା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି । ସେପଟେ ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା କରିବା ଲାଗି ତ୍ୱରିତ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱ ଦେଇଛି ଆଇଏମଡି । ଭାରତ ସମେତ ସମଗ୍ର ବିଶ୍ୱର ସହଭାଗିତାରେ ତାପମାତ୍ରା କମ୍ କରିବା ଦିଗରେ କାର୍ଯ୍ୟ ହେବା ଦରକାର ବୋଲି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।

# ଭାରତ ଆସିବ ୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତହବୁର ହୁସେନ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଆମେରିକୀୟ କୋର୍ଟରେ ଭାରତ ଏକ ବଡ଼ ବିଜୟ ହାସଲ କରିଛି । ବହୁ ଚର୍ଚ୍ଚିତ ୨୬/୧୧ ମୁମ୍ବାଇ ଆକ୍ରମଣରେ ସଂପୃକ୍ତ ଆତଙ୍କବାଦୀ ତହବୁର ହୁସେନ ରାଣାକୁ ଖୁବଶୀଘ୍ର ଭାରତକୁ ଅଣାଯିବ । ଆତଙ୍କବାଦୀ ଆକ୍ରମଣରେ ସଂପୃକ୍ତ ଥିବା ତହବୁର ରାଣାର ପ୍ରତ୍ୟାର୍ପଣ ପାଇଁ ଆମେରିକା ସବୁଜ ସଙ୍କେତ ଦେଇଛି । ଭାରତ-ଆମେରିକା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ରାଣାକୁ ଭାରତ ପଠାଇବାକୁ ଆମେରିକାର ଏକ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଆମେରିକୀୟ କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଣାକୁ ଭାରତ ପ୍ରତ୍ୟର୍ପଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ପ୍ରକାଶ ଥାଉ, ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଡେଭିଡ କୋଲେମାନ ହେଡଲିକୁ ଆକ୍ରମଣ କରିବାରେ ସାହାଯ୍ୟ କରିଥିଲା ତହବୁର ରାଣା । ଆମେରିକା ଅଦାଲତରେ ଚାଲିଥିବା ୨୬/୧୧ ମୁମ୍ବାଇ ଆକ୍ରମଣ ମାମଲାରେ ଭାରତ ରାଣା ବିରୋଧରେ ଶକ୍ତିଶାଳୀ ପ୍ରମାଣ ଉପସ୍ଥାପନ କରିଥିଲା । ତେବେ ଏହି ମାମଲାରେ Non Bis Idem (ସମାନ ଅପରାଧ ପାଇଁ ଦ୍ୱିତୀୟ ଥର ଦଣ୍ଡ ନିଷେଧ) ନିୟମ ଲାଗୁ ହେବ ନାହିଁ । ଆମେରିକୀୟ କୋର୍ଟ କହିଛନ୍ତି ଯେ ଭାରତରେ ରାଣାଙ୍କ ବିରୋଧରେ ଥିବା ଅଭିଯୋଗ ଭିନ୍ନ, ତେଣୁ ଏହି ନିୟମ ଲାଗୁ ହେବ ନାହିଁ । ଅନ୍ୟପଟେ ଏହି ପ୍ରତ୍ୟର୍ପଣ ପ୍ରକ୍ରିୟାକୁ ରୋକିବା ଆତଙ୍କବାଦୀ ରାଣା ଆମେରିକାର କୋର୍ଟରେ ଏକ ଆବେଦନ କରିଥିଲା । ଯାହାକୁ ଖାରଜ କରିଦେଇଛନ୍ତି କୋଟ । ଉଲ୍ଲେଖ ଯୋଗ୍ୟ, ୨୬ ନଭେମ୍ବର ୨୦୦୮ରେ ଭାରତର ଆର୍ଥିକ ରାଜଧାନୀ କୁହାଯାଉଥିବା ମୁମ୍ବାଇରେ ଆତଙ୍କବାଦୀଙ୍କ ଏହି ଯୋଜନାବଦ୍ଧ ଆକ୍ରମଣ ହୋଇଥିଲା । ଯେଉଁଥିରେ ୧୬୬ ଲୋକ ପ୍ରାଣ ହରାଇଥିବାବେଳେ ଶତାଧିକ ଲୋକ ଗୁରୁତର ହୋଇଥିଲେ । ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଡେଭିଡ ହେଡଲିର ପ୍ରମୁଖ ସହଯୋଗୀ ରାଣାକୁ ୨୦୦୯ ମସିହାରେ ଚିକାଗୋରୁ ଗିରଫ କରାଯାଇଥିଲା । ତହବୁର ରାଣା ଆଇଏସଆଇ ଏବଂ ଲଶ୍କର-ଏ-ତାଇବା ଭଳି ଏକାଧିକ ଆତଙ୍କୀ ସଂଗଠନ ସହିତ ଜଡିତ ଥିବା ଅଭିଯୋଗ ହୋଇଛି ।

# ବିଚାରପତିଙ୍କ ସମ୍ପର୍କୀୟଙ୍କୁ ହାଇକୋର୍ଟ ନିଯୁକ୍ତି ମନା

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ସୁପ୍ରିମକୋର୍ଟ କଲେଜିୟମର ବିଚାରକୁ ନେଇ ବରିଷ୍ଠ ଓକିଲ ତଥା କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି । ଯେଉଁଥିରେ ବିଚାରପତିଙ୍କ ପରିବାରରୁ ହାଇକୋର୍ଟର ବିଚାରପତି ଭାବରେ କାହାକୁ ନିଯୁକ୍ତି ଉପରେ ପ୍ରତିବନ୍ଧକ ଲଗାଇବାକୁ କୁହାଯାଇଛି । ପ୍ରକୃତରେ, ସେହି ଆଇନଜୀବୀ କିମ୍ବା ନ୍ୟାୟିକ ଅଧିକାରୀଙ୍କ ମଧ୍ୟରେ ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତିକୁ ନିଷିଦ୍ଧ କରିବାକୁ ପ୍ରସ୍ତାବ ଦିଆଯାଇଛି । ଯେଉଁମାନଙ୍କ ପିତାମାତା କିମ୍ବା ଘନିଷ୍ଠ ସମ୍ପର୍କୀୟମାନେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ବିଚାରପତି ଅଟନ୍ତି । ଏହାର କାରଣ ହେଉଛି ପ୍ରଥମ ପିଢ଼ିର ଓକିଲମାନେ ସାମ୍ବିଧାନିକ ଅଦାଲତର ବିଚାରପତି ହେବାର ସୁଯୋଗ ପାଇପାରିବେ। ଟାଇମ୍ସ ଅଫ୍ ଇଣ୍ଡିଆ। ପ୍ରଥମେ ଏହି ପ୍ରସ୍ତାବ ବିଷୟରେ ରିପୋର୍ଟ କରିଥିଲା । ଏହା ମଧ୍ୟ ସୂଚନା ଦିଆଯାଇଥିଲା ଯେ, ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତି ପାଇଁ ହାଇକୋର୍ଟ କଲେଜିୟମ ଦ୍ୱାରା ସୁପାରିଶ କରାଯାଇଥିବା ଆଇନଜୀବୀ ତଥା ନ୍ୟାୟିକ ଅଧିକାରୀଙ୍କ ସହ ଏସସି କଲେଜିୟମ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ରିପୋର୍ଟର ଉତ୍ତରରେ ବରିଷ୍ଠ ଓକିଲ ସିଂଘଭି କହିଛନ୍ତି ଯେ, ଉଭୟ ପ୍ରସ୍ତାବ ଭଲ ଏବଂ ଯଥାଶୀଘ୍ର କାର୍ଯ୍ୟକାରୀ ହେବା ଉଚିତ । ସେ କହିଛନ୍ତି ଯେ, ଯଦି ଏହା ସତ, ତେବେ ଏସସି କଲେଜିୟମର ବିଚାରକୁ ନିଆଯାଉଥିବା ଉଭୟ ପ୍ରସ୍ତାବ ଭଲ ଏବଂ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା ଉଚିତ । ସିଂଘଭି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି, ମୁଁ ଦଶନ୍ଧି ପୂର୍ବରୁ ଲେଖିଥିଲି ଯେ, କଲେଜିୟମର ବିଚାରପତିମାନେ ନିଜର ଛଦ୍ମବେଶ କରିବା ଉଚିତ ଏବଂ ପଦୋନ୍ନତି ପାଇଁ ବିଚାର କରାଯାଉଥିବା ସେହି ବିଚାରପତିଙ୍କ କୋର୍ଟରେ ବସିବା ଉଚିତ । ପୁରାତନ କାଳ ପରି ସୁଲତାନମାନେ ସେମାନଙ୍କର ଜାଗିରର ପ୍ରକୃତ ସମସ୍ୟା ଜାଣିବା ପାଇଁ ଏହା କରୁଥିଲେ । ସିଭି ଏବଂ ବାସ୍ତବତା ମଧ୍ୟରେ, କାଗଜ ମୂଲ୍ୟାଙ୍କନ ବନାମ କୋର୍ଟ ପରିସର କାର୍ଯ୍ୟଦକ୍ଷତା ମଧ୍ୟରେ ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯିବା ଜରୁରୀ । ସିଂଘଭି କହିଛନ୍ତି ବର୍ତ୍ତମାନ ପ୍ରସ୍ତାବିତ ସାକ୍ଷାତକାରଗୁଡ଼ିକ ମୁଁ ଯେତିକି ପରାମର୍ଶ ଦେଉଛି ସେତିକି ଭଲ ନୁହେଁ, କିନ୍ତୁ ଅନ୍ତତଃପକ୍ଷେ ଦ୍ୱିତୀୟ ଶ୍ରେଷ୍ଠ, ଯଦିଓ ଛଦ୍ମବେଶରେ ଏକ ଆଶ୍ଚର୍ଯ୍ୟଜନକ ଅନୁସନ୍ଧାନ ଅବାସ୍ତବ ନୁହେଁ । ଦ୍ୱିତୀୟ ପ୍ରସ୍ତାବ ମଧ୍ୟ କାର୍ଯ୍ୟକାରୀ କରାଯାଉ ବୋଲି ସିଂଘଭି କହିଛନ୍ତି । ନ୍ୟାୟିକ ନିଯୁକ୍ତିର ବାସ୍ତବତା ମୂଳ କଳ୍ପନା ଅପେକ୍ଷା ଅଧିକ ଅସ୍ପଷ୍ଟ ଏବଂ ଅବଜେକ୍ଟିଭ । ପରସ୍ପରକୁ ପଛରେ ପକାଇବା, ମାମୁଁ ବିଚାରପତି, ପାରିବାରିକ ବଂଶ ଇତ୍ୟାଦି, ଅନ୍ୟମାନଙ୍କୁ ବିଚଳିତ କରି ଅନୁଷ୍ଠାନକୁ ଅସମ୍ମାନ ଆଣିଥାଏ । ତେବେ ଏହା କରିବା ଅପେକ୍ଷା ଏହା ସହଜ ବୋଲି ସିଂଘଭି କହିଛନ୍ତି । ବାରମ୍ବାର, ଏହି ବ୍ୟବସ୍ଥା ସଂସ୍କାର ପାଇଁ ଆକାଂକ୍ଷିତ ପ୍ରେରଣା ଅପେକ୍ଷା ଅଧିକ ଶକ୍ତିଶାଳୀ ପ୍ରମାଣିତ ହୋଇଛି ।

# ଆଜିଠୁ ସିଡ୍‌ନୀ ଟେଷ୍ଟ : ଭାରତ ପାଇଁ ଅସଲ ପରୀକ୍ଷା

## ବସିପାରନ୍ତି ରୋହିତ, ପନ୍ତ : ଆହତ ଆକାଶଦୀପ ଖେଳିବେନି

ସିଡ୍‌ନୀ, ୨।୧ : ଆସନ୍ତାକାଲି ଠାରୁ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍ ସିଡ୍‌ନୀରେ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ନଜର ଆସିବେ ନାହିଁ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା। ନିଜର ଫର୍ମ ଓ କ୍ୟାପ୍ଟେନ୍ସି ପାଇଁ ସମାଲୋଚନାର ଶିକାର ହୋଇ ଚାଲିଥିବା ରୋହିତ ଶେଷରେ ଟିମ ଇଣ୍ଡିଆରୁ ବାଦ ପଡ଼ିଛନ୍ତି। ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ ଦିଆଯାଇଥିବାରୁ ସେ ମଧ୍ୟ ଖୁବଶୀଘ୍ର ଟେଷ୍ଟ କ୍ରିକେଟକୁ ଅଲବିଦା କହିବେ ବୋଲି ଜଣାପଡ଼ିଛି।

ରୋହିତ ବର୍ଡର-ଗାଭାସ୍କର ଟ୍ରଫିରେ ଏଯାଏ ୩ଟି ଟେଷ୍ଟ ଖେଳିଥିବା ବେଳେ କେବଳ ୩୧ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ମାତ୍ର ୬ ରହିଛି। ଏଥିପାଇଁ ରୋହିତଙ୍କୁ ତୀବ୍ର ସମାଲୋଚନା ହେବାକୁ ପଡ଼ିଲା। ଏହାକୁ ଦୃଷ୍ଟିରେ ରଖି ରୋହିତଙ୍କୁ ଟିମ ଇଣ୍ଡିଆରୁ ବାଦ ଦେବାକୁ ନିଷ୍ପତ୍ତି ହୋଇଛି।

ସିଡ୍‌ନୀ ଟେଷ୍ଟ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନଜର ଆସିଥିଲେ। ସେ ମଧ୍ୟ ରୋହିତ ଆସନ୍ତାକାଲି ଚୂଡ଼ାନ୍ତ ଏକାଦଶରେ ରହିବେ କି ନାହିଁ, ତାର ଉତ୍ତର ଦେଇନାହାନ୍ତି। ପିଚ୍‌କୁ ଦେଖି ଆସନ୍ତାକାଲି ଚୂଡ଼ାନ୍ତ ଏକାଦଶ ପ୍ରସ୍ତୁତ ହେବ ବୋଲି କହିବା ପରେ ରୋହିତ ଦଳରେ ନଥିବା ସ୍ପଷ୍ଟ ହୋଇଛି।

ଆଜି ପ୍ରେସ କନଫରେନ୍ସ ପରେ ଗମ୍ଭୀର ଟିମ ଇଣ୍ଡିଆର ଅଭ୍ୟାସ ଶିବିରରେ ପହଞ୍ଚିଥିଲେ। ସେଠାରେ ରୋହିତଙ୍କୁ ସ୍ଲିପ କର୍ଡନରେ ଦେଖିବାକୁ ମିଳି ନଥିଲା। ବିରାଟ ପ୍ରଥମ ସ୍ଲିପରେ ଥିବା ବେଳେ କେଏଲ ରାହୁଲ ଦ୍ୱିତୀୟ ଓ ନୀତୀଶ କୁମାର ରେଡ୍ଡୀ ତୃତୀୟ ସ୍ଲିପରେ ରହିଥିଲେ। ଏହି ଫିଲ୍ଡିଂ ଅଭ୍ୟାସରୁ ମଧ୍ୟ ସ୍ପଷ୍ଟ ହୋଇଛି ଯେ ରୋହିତ ଆସନ୍ତାକାଲି ଚୂଡ଼ାନ୍ତ ଏକାଦଶରେ ରହିବେ ନାହିଁ।



ମ୍ୟାଚ୍ ପୂର୍ବରୁ ଟ୍ରେନିଂ ସମୟରେ, ଫିଲ୍ଡିଂ ଡ୍ରିଲ୍ ଚାଲିଥିବାବେଳେ ଗମ୍ଭୀର ବୁମରାଙ୍କ ସହ ଲମ୍ବା ସମୟ ଆଲୋଚନା କରୁଥିବା ଦେଖାଯାଇଥିଲା। ରୋହିତ ନେଟରେ ସ୍ୱଳ୍ପ ସମୟ ଅଭ୍ୟାସ କରିଥିଲେ। ରୁଟିନ୍ ସ୍ଲିପ୍ ଅଭ୍ୟାସ ସେସନରେ ମଧ୍ୟ ସେ ନ ଥିଲେ। ଏହାପୂର୍ବରୁ, ଯେତେବେଳେ ଗମ୍ଭୀରଙ୍କୁ ପ୍ଲେଇଂ ୧୧ ରୋହିତଙ୍କ ସ୍ଥାନ ବିଷୟରେ ପଚରାଯାଇଥିଲା, ସେତେବେଳେ ସେ ସିଧାସଳଖ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ତେବେ ସେ କହିଥିଲେ, ରୋହିତଙ୍କ ସହ ସବୁକିଛି ଠିକ ଅଛି ଆମେ ୱିକେଟ୍ ଉପରେ ନଜର ପକାଇବାକୁ ଏବଂ ଆସନ୍ତାକାଲି ଖେଳିବାକୁ ଥିବା ଏକାଦଶ ଘୋଷଣା କରିବୁ।

ଚଳିତ ଟେଷ୍ଟ ଋତୁରେ ରୋହିତଙ୍କ ବ୍ୟାଟ ଆଦୌ ଚାଲିନାହିଁ।୩ଟି ସିରିଜର ୧୫ଟି ଇନିଂସରେ ସେ କେବଳ ୧୦.୯୩ ହାରରେ ୧୬୪ ରନ କରିଛନ୍ତି ଏଥିରେ ଗୋଟିଏ ଅର୍ଦ୍ଧଶତକ ରହିଛି।

ଅନ୍ୟପକ୍ଷରେ ରୋହିତଙ୍କୁ ଯଦି ଚୂଡ଼ାନ୍ତ ଏକାଦଶରୁ ବାଦ ଦିଆଯାଉଛି, ତାହେଲେ ପର୍ଥ ଟେଷ୍ଟ ଭଳି ଯଶପ୍ରୀତ ବୁମ୍ରା ଦଳର କମାଣ ସମ୍ଭାଳିବେ। ସେହିପରି ଶୁବମନ ଗିଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ପର୍ଥ ଟେଷ୍ଟରେ ଯେଉଁଭଳି ରାହୁଲ ଓ ଯଶସ୍ୱୀ ଜୈସାଲ ଓପନ କରିଥିଲେ, ସିଡ୍‌ନୀରେ ମଧ୍ୟ ସେମିତ ହେବ। ଗିଲ ୩ନଂରେ ଖେଳିବେ। ଆହତ କାରଣରୁ ଆକାଶ ଦୀପ ସିଡ୍‌ନୀ ଟେଷ୍ଟରୁ ବାଦ ପଡ଼ିଛନ୍ତି। ତେଣୁ ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ଚୂଡ଼ାନ୍ତ ଏକାଦଶରେ ରହିବେ।

# ଅଷ୍ଟ୍ରେଲିଆ ଚୂଡ଼ାନ୍ତ ଏକାଦଶରେ ୩୧ ବର୍ଷୀୟ ୱେବଷ୍ଟର

ସିଡ୍‌ନୀ, ୨।୧ (ଏଜେନ୍ସି): ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଅଷ୍ଟ୍ରେଲିଆ ଆସନ୍ତାକାଲି ସିଡନୀରେ ମ୍ୟାଚ୍ ଆରମ୍ଭ ହେବ ଏହାର ଦିନକ ପୂର୍ବରୁ ଅଷ୍ଟ୍ରେଲିଆ ତାର ଚୂଡ଼ାନ୍ତ ୧୧ ଜଣ ଖେଳାଳିଙ୍କ ନାଁ ସାର୍ବଜନୀନ କରିଛି। ବର୍ତ୍ତମାନ ସିରିଜ ଅଷ୍ଟ୍ରେଲିଆ ସପକ୍ଷରେ ୨-୧ରେ ରହିଛି। ଭାରତ କମବ୍ୟାକ ଲକ୍ଷ୍ୟରେ ରହିଥିବା ବେଳେ ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ୍ ବେଶ ଗୁରୁତ୍ୱପୂର୍ଣ୍ଣ।



ଗୁରୁତ୍ୱପୂର୍ଣ୍ଣ ସିଡନୀ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆ। ଘୋଷଣା କରିଥିବା ଚୂଡ଼ାନ୍ତ ଏକାଦଶରୁ ମିଚେଲ ମାର୍ଶ ବାଦ ପଡ଼ିଛନ୍ତି। ତାଙ୍କ ବଦଳରେ ବେଆଉ ୱେବଷ୍ଟରଙ୍କୁ ସାମିଲ କରାଯାଇଛି। ୩୧ ବର୍ଷୀୟ ୱେବଷ୍ଟର ଅଷ୍ଟ୍ରେଲିଆ। ପାଇଁ ଟେଷ୍ଟରେ ଡେବ୍ୟୁ କରିବାକୁ ଯାଉଛନ୍ତି।

ୱେବଷ୍ଟର ଘରୋଇ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରି ଚାଲିଛନ୍ତି। ଉଭୟ ବ୍ୟାଟିଂ ଓ ବୋଲିଂରେ ସେ ବେଶ ମାହିର। ତେଣୁ ମାର୍ଶଙ୍କ ବଦଳରେ ତାଙ୍କୁ ସୁଯୋଗ ମିଳିଛି।ମାର୍ଶ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ନିଜର ଫର୍ମକୁ ନେଇ ସଂଘର୍ଷ କରୁଥିଲେ ସେ ୪ଟି ଟେଷ୍ଟରେ କେବଳ ୭୩ ରନ କରିପାରିଥିଲେ ତେଣୁ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସିଡ୍‌ନୀ ଟେଷ୍ଟରୁ ବାଦ ଦିଆଯାଇଛି।

ଅଷ୍ଟ୍ରେଲିଆ। ଦଳ: ସାମ କୋନଷ୍ଟାସ, ଉସମାନ ଖାଜା, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, ୱେବଷ୍ଟର, ଆଲେକ୍ସ କେରୀ(ୱିକେଟ କିପର), ପାଟ କମିନ୍ସ(ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ।

# 'ଡ୍ରେସିଂ ରୁମ୍‌ର ତଥ୍ୟ ବାହାରକୁ ଆସିବା ଉଚିତ୍ ନୁହେଁ'

ସିଡନୀ, ୨।୧ : ଅଷ୍ଟ୍ରେଲିଆ। ବିପକ୍ଷ ଚତୁର୍ଥ ଟେଷ୍ଟରେ ପରାଜୟ ଭାରତୀୟ କ୍ରିକେଟ ଦଳରେ ମତଭେଦ ସୃଷ୍ଟି କରିଛି ଏହି ପରାଜୟ ପରେ ଡ୍ରେସିଂ ରୁମରେ ମତଭେଦର ଖବର ସାମ୍ନାକୁ ଆସିଛି। ଅଧିନାୟକ ରୋହିତ ଶର୍ମା ଏବଂ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ମଧ୍ୟରେ ବିବାଦ ଲାଗି ରହିଛି।ଏହି ସମୟରେ ସିଡନୀରେ ଖେଳାଯିବାକୁ ଥିବା ପଞ୍ଚମ ଟେଷ୍ଟ ପୂର୍ବରୁ ଗମ୍ଭୀର ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ।

ଗୌତମ ଗମ୍ଭୀର କହିଛନ୍ତି, ଡ୍ରେସିଂ ରୁମ ବିତର୍କ ସାର୍ବଜନୀନ କରାଯିବା ଉଚିତ୍ ନୁହେଁ। ସେ ଟେଷ୍ଟ ମ୍ୟାଚ ଜିତିବାର ରଣନୀତି ବ୍ୟତୀତ ବରିଷ୍ଠ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ସହ କଥାବାର୍ତ୍ତା କରିନାହାଁନ୍ତି। ପ୍ରତ୍ୟେକ ଖେଳାଳି ଜାଣନ୍ତି କେଉଁଠାରେ ତାଙ୍କୁ ଉନ୍ନତି କରିବାକୁ ପଡିବ। ଆମେ ତାଙ୍କୁ କେବଳ ସିଡନୀ ଟେଷ୍ଟ ମ୍ୟାଚ ଜିତିବା କଥା କହିଛୁ।

ଗମ୍ଭୀର ଆହୁରି ମଧ୍ୟ ନିଶ୍ଚିତ କରିଛନ୍ତି, ଦ୍ରୁତ ବୋଲର ଆକାଶଦୀପ ପିଠି ଯନ୍ତ୍ରଣା କାରଣରୁ ଶେଷ ଟେଷ୍ଟ ଖେଳିବେ ନାହିଁ। ତେବେ ତାଙ୍କ ସ୍ଥାନରେ କିଏ ସୁଯୋଗ ପାଇବ ବୋଲି ଗମ୍ଭୀର କହିଛନ୍ତି ନାହିଁ। ପ୍ଲେଇଙ୍ଗ-୧୧ ବିଷୟରେ ଗମ୍ଭୀର କହିଛନ୍ତି ଯେ ପିଚ୍ ଦେଖିବା ପରେ ନିଷ୍ପତ୍ତି ନିଆଯିବ।

ସାମ୍ବାଦିକ ସମ୍ମିଳନୀରେ ରୋହିତ ଶର୍ମାଙ୍କ ବିଷୟରେ ଏକ ପ୍ରଶ୍ନ ପଚରାଯାଇଥିଲା କି ସେ ସିଡନୀ ଟେଷ୍ଟ ଖେଳିବେ କି ନାହିଁ ଏଥିପାଇଁ କୋଚ ଗମ୍ଭୀର ଏକ ଉତ୍ତେଜନାମୂଳକ ଢଙ୍ଗରେ ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ କହିସାରିଛି ଯେ ଆସନ୍ତାକାଲି ପିଚ ପରୀକ୍ଷା କରିବୁ ଏବଂ କେବଳ ସେତେବେଳେ ଆମେ ପ୍ଲେଇଙ୍ଗ-୧୧ ଉପରେ ନିଷ୍ପତ୍ତି ନେବୁ। ଭାରତୀୟ ଦଳ ମଧ୍ୟରେ ମତଭେଦକୁ ନେଇ କୋଚ ଗମ୍ଭୀର କହିଛନ୍ତି, ଏଗୁଡ଼ିକ କେବଳ ଗୁଜବ, ସେଥିରେ କୌଣସି ସତ୍ୟତା ନାହିଁ ଏବଂ ମୋର ଏପରି ଗୁଜବକୁ ଜବାବ ଦେବାର ଆବଶ୍ୟକତା ନାହିଁ ଆମେ ମିଳିତ ଭାବେ ସଫଳତାର ନୂତନ ଉଚ୍ଚତାରେ ପହଞ୍ଚିବାକୁ ଚାହୁଁଛୁ।



# ଗମ୍ଭୀରଙ୍କ ମୁଣ୍ଡ ଉପରେ ଝୁଲୁଛି ଖଣ୍ଡା !

ସିଡନୀ, ୨।୧ : ଭାରତୀୟ କ୍ରିକେଟ ଟିମର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ନେଇ ଆସିଛି ସାଂଘାତିକ ତଥ୍ୟ ତାଙ୍କ ଅଧୀନରେ ଖେଳାଳିମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି।ବର୍ଡର-ଗାଭାସ୍କର ଟ୍ରଫିରେ ଟିମ ଇଣ୍ଡିଆର ନୈରାଶ୍ୟଜନକ ପ୍ରଦର୍ଶନ ପରେ ସମସ୍ତଙ୍କ ଫୋକସ ଗମ୍ଭୀରଙ୍କ ଉପରେ ରହିଛି। ଭାରତୀୟ ଟିମ ୨୦୨୪ ଜୁନ ମାସରେ ଶେଷଥର ପାଇଁ ସଫଳତା ପାଇଥିଲା ।ରାହୁଲ ଦ୍ରାବିଡଙ୍କ କୋଚିଂରେ ଭାରତୀୟ ଟିମ ଟି-୨୦ ବିଶ୍ୱକପ ଜିତିଥିଲା।

ଏହି ବିଶ୍ୱକପ ପରେ ଗୌତମ ଗମ୍ଭୀର ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ହୋଇଥିଲେ। ଆଶା କରାଯାଉଥିଲା ଯେ ଗମ୍ଭୀରଙ୍କ ଅଧୀନରେ ମଧ୍ୟ ଭାରତୀୟ ଟିମ ଦମଦାର ପ୍ରଦର୍ଶନ କରିବ। କିନ୍ତୁ ଗମ୍ଭୀର ଆସିବା ପରେ ଭାରତୀୟ ଟିମ ଶ୍ରୀଲଙ୍କା ଠାରୁ ଦିନିକିଆ। ସିରିଜ ହାରିଥିଲା।

ନ୍ୟୁଜିଲ୍ୟାଣ୍ଡ ଠାରୁ ଦୀର୍ଘ ବର୍ଷ ପରେ ଘରୋଇ ମାଟିରେ ଖେଳୁଥିବା ଟେଷ୍ଟ ସିରିଜରେ ମୂଳପୋଛ ହୋଇଗଲା।ଏବେ ବର୍ଡର-ଗାଭାସ୍କର ଟ୍ରଫିରେ ମଧ୍ୟ ଭାରତୀୟ ଟିମ ୧-୨ ପଛରେ ରହିଛି।ଯଦି ଭାରତୀୟ ଟିମ ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ଶେଷ ଟେଷ୍ଟ ନ ଜିତିବ, ତାହେଲେ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରୁ ବାଦ ପଡ଼ିବ।

ଏସବୁ ଭିତରେ ପିଟିଆଇରେ ରିପୋର୍ଟ ପ୍ରକାଶ ପାଇଛି ଯେ ଗମ୍ଭୀରଙ୍କ ସହ ଅନେକ ଖେଳାଳିଙ୍କ ପଡୁନାହିଁ ରାହୁଲ ଦ୍ରାବିଡ ଓ ରବି ଶାସ୍ତ୍ରୀଙ୍କ ସମୟରେ ଯେଉଁଭଳି ଖେଳାଳିମାନେ ସବୁ କିଛି ମୁକ୍ତ ଭାବେ କରିପାରୁଥିଲେ, ଏବେ ସେମିତି କିଛି କରିପାରୁ ନାହାନ୍ତି। ପୂର୍ବଭଳି ଏବେ ବି ଚୟନ ସମ୍ପର୍କରେ ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ଖେଳାଳିଙ୍କ ସହ କଥା ହେଉଛନ୍ତି। କିନ୍ତୁ ଗମ୍ଭୀର ଜୁଲାଇ ମାସରେ ଦାୟିତ୍ୱ ନେବା ପରେ ରୋହିତ ମଧ୍ୟ ଅତି ଜୁନିୟର ନଥିବା ଖେଳାଳି କାହିଁକି ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଲେ, ସେକଥା ସ୍ପଷ୍ଟ ଭାବେ କହିପାରୁନାହାନ୍ତି ଗମ୍ଭୀର ଦଳରେ ନିୟମିତ ଭାବେ ପରୀକ୍ଷାନିରୀକ୍ଷା କରୁଛନ୍ତି। ଏଥିପାଇଁ ଅଧିକାଂଶ ଖେଳାଳି ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଗମ୍ଭୀରଙ୍କୁ କିଛି ଖେଳାଳି ଆଦୌ ବିଶ୍ୱାସକୁ ନେଉ ପାରୁ ନାହାନ୍ତି। ଏପରି ସ୍ଥିତିରେ ଗମ୍ଭୀରଙ୍କୁ ନିଜ ଦକ୍ଷତାର ପରିଚୟ ଦେବା ପାଇଁ ଗୋଟିଏ ଟେଷ୍ଟ ଓ ଫେବୃଆରୀରୁ ଆରମ୍ଭ ହେଉଥିବା ଚାମ୍ପିୟନ୍ସ ଟ୍ରଫି ଶେଷ ଯାଏ ସମୟ ଦିଆଯାଇଛି। ଯଦି ସିଡ୍‌ନୀ ଟେଷ୍ଟ ଓ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଭଲ ପ୍ରଦର୍ଶନ ନ କରିବ, ତାହେଲେ ଗମ୍ଭୀରଙ୍କ ସ୍ଥାନ ଆଉ ସୁରକ୍ଷିତ ନୁହେଁ।



ଗମ୍ଭୀରଙ୍କ ସହ ଚୟନ କମିଟିର ସମ୍ପର୍କ କେମିତି ରହିଛି, ସେକଥା ବି କାହାକୁ ଜଣାନାହିଁ ଚୂଡ଼ାନ୍ତ ଏକାଦଶରେ ବାରମ୍ବାର ପରିବର୍ତ୍ତନ କରାଯାଉଥିବାରୁ ଦଳରେ ଥିବା ଟିମ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଯଦି ଚାମ୍ପିୟନ୍ସ ଟ୍ରଫି ବେକାର ଯିବ, ତାହେଲେ ଗମ୍ଭୀରଙ୍କ ପକ୍ଷ ଛେଦନ ସୁନିଶ୍ଚିତ ବୋଲି ବିସିସିଆଇର ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି କହିଛନ୍ତି। ଅଧିକାରୀ ଆହୁରି କହିଛନ୍ତି, ଗମ୍ଭୀର ବିସିସିଆଇର ପ୍ରଥମ ପସନ୍ଦ ନଥିଲେ। ଭିଭିଏସ ଲକ୍ଷ୍ମଣଙ୍କୁ ବିସିସିଆଇ ଚାହୁଁଥିଲେ। ସେହିପରି ଅଧିକାଂଶ ବିଦେଶୀ କୋଚ୍ ୩ଟି ଯାକ ଫର୍ମାଟର ଦାୟିତ୍ୱ ନେବାକୁ ଚାହୁଁ ନଥିଲେ। ଏହାବାଦ କିଛି ବାଧ୍ୟବାଧକତା ମଧ୍ୟ ରହିଥିଲା ସବୁ କିଛି ବୁଝାମଣା କରି ବିସିସିଆଇ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ କରିଥିଲା।

# ହକି ଇଣ୍ଡିଆ ଲିଗ୍ : ଗୋନାସିକାର ଲଗାତାର ଦ୍ୱିତୀୟ ପରାଜୟ




ରାଉରକେଲା, ୨।୧ : ହକି ଇଣ୍ଡିଆ ଲିଗ୍‌ରେ ଶ୍ରାଚୀ ରା ବେଙ୍ଗଲ ଟାଇଗର୍ସ ୨-୧ ଗୋଲ୍‌ରେ ଟିମ୍ ଗୋନସିକାକୁ ପରାସ୍ତକରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଅପରପକ୍ଷରେ ଟିମ୍ ଗୋନାସିକା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି।

ନୂତନ ବର୍ଷର ପ୍ରଥମ ଦିନରେ ଆଜି ହକି ଇଣ୍ଡିଆ ଲିଗ୍‌ର ଷଷ୍ଠ ମ୍ୟାଚ୍ ଖେଳାଯାଇଥିଲା ପ୍ରଥମ ଦୁଇ କ୍ୱାର୍ଟରରେ ଘନ ଘନ ଆକ୍ରମଣ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲେ ସୁଦ୍ଧା ଗୋଲ୍‌ଶୂନ୍ୟ ରହିଥିଲା। ତେବେ ତୃତୀୟ କ୍ୱାର୍ଟର୍‌ର ପ୍ରଥମ ମିନିଟ୍‌ରେ ବେଙ୍ଗଲ ଟାଇଗର୍ସ ଅଧିନାୟକ ରୂପୀନ୍ଦର ପାଲ ସିଂହ ଏକ ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ। କରିଥିଲେ ତେବେ ଏହା ବେଶି ସମୟ ତିଷ୍ଠି ପାରିନଥିଲା ଗୋଟିଏ ମିନିଟ୍‌ର ବ୍ୟବଧାନପରେ ଗୋନାସିକାର ଅଧିନାୟକ ମନପ୍ରୀତ ସିଂହ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ସ୍କୋର୍ ୧-୧ ଗୋଲ୍‌କୁ ଆଣିଥିଲେ।

ମ୍ୟାଚ୍‌ର ୪୮ତମ ମିନିଟ୍‌ରେ ବେଙ୍ଗଲ ଟାଇଗର୍ସକୁ ପେନାଲ୍‌ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ହାତଛଡ଼ା ନକରି ଅଧିନାୟକ ରୂପୀନ୍ଦର ଆଉ ଏକ ଗୋଲ୍‌ଦେଇ ସ୍କୋର୍‌କୁ ୨-୧କୁ ନେଇଥିଲେ। ଏହାପରେ ଗୋନାସିକା ଖେଳାଳି ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ, ତେବେ ସଫଳ ନ ହେବାରୁ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଆଜିର ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୭ଟି ଓ ଟିମ୍ ଗୋନାସିକା ୩ଟି ପେନାଲ୍‌ଟି କର୍ଣ୍ଣର୍ ସୁଯୋଗ ପାଇଥିଲା।

# ଖେଳରତ୍ନ ପୁରସ୍କାର ପାଇଁ କେତେ ଅର୍ଥରାଶି

ନୂଆଦିଲ୍ଲୀ, ୨।୧ : ଖେଳ ରତ୍ନ ପୁରସ୍କାର ଜିତିଥିବା ଖେଳାଳିଙ୍କୁ ନଗଦ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଏହା ବ୍ୟତୀତ ସେମାନଙ୍କୁ ପଦକ ଏବଂ ପ୍ରମାଣପତ୍ର ମଧ୍ୟ ଦିଆଯାଏ ୨୦୨୦ ପର୍ଯ୍ୟନ୍ତ, ଖେଳ ରତ୍ନ ପାଉଥିବା ଖେଳାଳିଙ୍କୁ କେବଳ ୭.୫ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳୁଥିଲା, କିନ୍ତୁ ମୋଦି ସରକାର ଏହାକୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଶୁଟିଂରେ ୨ ପଦକ ଜିତି ମନୁ ଭାକର, ଡି ଗୁକେଶଙ୍କ ବ୍ୟତୀତ ପ୍ରବୀଣ କୁମାରଙ୍କୁ ମଧ୍ୟ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରାଯିବ। ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ନିଜର ଅଧିନାୟକ୍‌ରେ ହକି ଦଳ ପାଇଁ ବ୍ରୋଞ୍ଜ ପଦକ ଜିତାଇଥିବା ହରମନପ୍ରୀତ ସିଂ ମଧ୍ୟ ଖେଳ ରତ୍ନ ପାଇବେ। ସମ୍ମାନ ସମାରୋହ ୧୭ ଜାନୁଆରୀ ୨୦୨୫ରେ ରାଷ୍ଟ୍ରପତି ଭବନରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ।

# ଫୋନ ସଜାଡିବାକୁ ବିନୋଦଙ୍କ ପାଖରେ ନାହିଁ ଟଙ୍କା

ନୂଆଦିଲ୍ଲୀ, ୨।୧ : ଭାରତୀୟ କ୍ରିକେଟ ଦଳର ପୂର୍ବତନ ବ୍ୟାଟ୍ସମ୍ୟାନ୍ ବିନୋଦ କାମ୍ବଲି ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ନିଶା ସେବନ ପାଇଁ ତାଙ୍କ କ୍ରିକେଟ କ୍ୟାରିୟର ବୁଡ଼ିବା ପରେ ଏବେ ଫୋନ ସଜାଡିବା ପାଇଁ ପାଖରେ ନାହିଁ। ଟଙ୍କା ୨ସପ୍ତାହ ଡାକ୍ତରଖାନାରେ ଭର୍ତ୍ତି ଥିବା ବିନୋଦଙ୍କ ପାଖରେ ଚିକିତ୍ସା ପାଇଁ ଟଙ୍କା ନଥିବାରୁ ଅନ୍ୟମାନଙ୍କ ସହାୟତା ରାଶିରେ ସେ ସୁସ୍ଥ ହୋଇ ଫେରିଛନ୍ତି। ଏବେ ଜଣାପଡ଼ିଛି ଯେ, ଖୁବଶୀଘ୍ର ତାଙ୍କ ଘର ବିକ୍ରି ହୋଇପାରେ।



ସୂଚନା ମୁତାବକ, କାମ୍ବଲିଙ୍କ ପାଖରେ ପୂର୍ବରୁ ଏକ ଆଇଫୋନ୍ ଥିଲା। କିନ୍ତୁ ସେ ୧୫,୦୦୦ ଟଙ୍କା ମରାମତି ପାଇଁ ଦେଇ ନପାରିବାରୁ ଜଣେ ଦୋକାନୀ ଏହାକୁ ୬ମାସ ତଳେ ନେଇଯାଇଥିଲେ। ୨ସପ୍ତାହ ପୂର୍ବରୁ କାମ୍ବଲିଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ଏବଂ ମୂତ୍ରନଳୀ ସଂକ୍ରମଣ ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିଲେ ମଧ୍ୟ ତାଙ୍କ ଆର୍ଥିକ ଅବସ୍ଥା ସୁଧୁରିନଥିବା ଜଣାଯାଇଛି। କାମ୍ବଲିଙ୍କୁ ବିସିସିଆଇଠାରୁ ମାସିକ ୩୦,୦୦୦ଟଙ୍କା ପେନସନ ମିଳିଥାଏ। ଏଥିରେ ତାଙ୍କୁ ମାସକ ଯାକ ଚଳିବାକୁ ପଡେ ଡାକ୍ତରଖାନାରେ ପଡ଼ିଥିବା ବେଳେ ତାଙ୍କୁ ଏକ ରାଜନୈତିକ ଦଳଠାରୁ ୫ଲକ୍ଷ ଟଙ୍କା ସହାୟତା ମିଳିଥିଲା, ଯାହା ତାଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଥିଲା। କାମ୍ବଲିଙ୍କ ପତ୍ନୀ ଆଣ୍ଡ୍ରିଆ ହେୱିଟ୍ କହିଛନ୍ତି ଯେ ସେମାନଙ୍କର ହାଉସିଂ ସୋସାଇଟି ୧୮ଲକ୍ଷ ଟଙ୍କାର ରକ୍ଷଣାବେକ୍ଷଣ ଫି ପାଇଁ ସେମାନଙ୍କ ପିଛା କରୁଛି। ପାଖରେ ଟଙ୍କା ନଥିବାରୁ ଆମେ କୌଣସି ମୂହୁର୍ତ୍ତରେ ଆମ ଘର ହରାଇପାରୁ।

# ହିଲ୍ ବିଶ୍ୱ ହକି ପାଇଁ ମହତ ପଦକ୍ଷେପ : ତୟାବ



ରାଉରକେଲା, ୨।୧ : ହକି ଇଣ୍ଡିଆର ଦମ୍‌ଦାର ପ୍ରତ୍ୟାବର୍ତ୍ତନକୁ ଭୂୟସୀ ପ୍ରଶଂସା କରିଛି। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ସଭାପତି ଡାଟୋ ତୟାବ ଇକ୍ରାମ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଏଠାକାର ଦର୍ଶକ ଓ ହକି ପ୍ରତି ସେମାନଙ୍କର ଭଲପାଇବାକୁ ମନଭରି ପ୍ରଶଂସା କରିଛନ୍ତି। ଏହା ସହ ହକି ଇଣ୍ଡିଆ। ଲିଗ୍ ମୋ ହୃଦୟର ଅତିନିକଟତର ବୋଲି ଅଭିହିତ କରିଛନ୍ତି। ଇକ୍ରାମ ରାଉରକେଲାରେ ଚାଲିଥିବା ଏହି ପ୍ରତିଯୋଗିତା ଅବସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ମତ ଦେଇଛନ୍ତି ଇକ୍ରାମ୍ ।ହକି ଇଣ୍ଡିଆ ଲିଗ୍ ହେଉଛି ଏକ ଆଥଲେଟ୍ କେନ୍ଦ୍ରିକ ପଦକ୍ଷେପ। ବିଶ୍ୱସ୍ତରରେ ଆମକୁ ଏଭଳି ଅଧିକ ପ୍ଲାଟଫର୍ମ ଆବଶ୍ୟକ, ଯାହାକି କ୍ରୀଡ଼ାବିତଙ୍କୁ ପ୍ରଦର୍ଶନ ପାଇଁ ଭରପୂର ସୁଯୋଗ ଯୋଗାଇବ। ହକି ଇଣ୍ଡିଆ ଲିଗ୍ ପାଇଁ ଏଫ୍‌ଆଇଏଚ୍ ପକ୍ଷରୁ ସ୍ୱତନ୍ତ୍ର ସମୟ ଅନୁମୋଦିତ କରାଯାଇଛି, ଯେଉଁ ସମୟରେ ସମସ୍ତ ଶୀର୍ଷ ତାରକା ଭାଗନେଇପାରିବେ। ହିଲ୍ ଭଳି ପଦକ୍ଷେପ କେବଳ ଭାରତୀୟ ହକି ପାଇଁ ନୁହେଁ, ବରଂ ବିଶ୍ୱ ହକି ପାଇଁ ମଧ୍ୟ ଏକ ମହତ ପଦକ୍ଷେପ। ଘରୋଇ ପ୍ରତିଭାର ଯୋଗଦାନ ସହିତ ଖେଳାଳିଙ୍କ ଉଲ୍ଲେଖନୀୟ ଅଂଶଗ୍ରହଣ, କ୍ରୀଡ଼ାର ଅଭିବୃଦ୍ଧି ତଥା ବିକାଶ ଉପରେ ଗଭୀର ପ୍ରଭାବ ପକାଇବ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଲିଗ୍ ବିଶ୍ୱସ୍ତରୀୟ ପ୍ରସାରଣ ଯୋଗୁଁ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ଏନେଇ ରାଉରକେଲାବାସୀଙ୍କ ପ୍ରତିକ୍ରିୟା ଆଶ୍ଚର୍ଯ୍ୟଜନକ ନୁହେଁ, କାରଣ ହିଲ୍ ପ୍ରକୃତରେ କଣ, ତାହା ସେମାନେ ଠିକ୍ ଭାବେ ବୁଝିବା ସହ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛନ୍ତି ଓମାନ୍‌ରେ ହକି ୫ ଏସ୍ ବିଶ୍ୱକପ୍ ଆୟୋଜନ, ଏକ ସ୍ୱପ୍ନ ସାକାର ସଦୃଶ ଥିଲା ଏହା କେବଳ କାର୍ଯ୍ୟକ୍ରମ ପ୍ରତିଯୋଗିତା ଆୟୋଜନରେ ସୀମିତ ନଥିଲା, ବରଂ ଅଷ୍ଟ୍ରେଲିଆ, ନେଦରଲାଣ୍ଡସ, ଭାରତ ଭଳି ହକି ପାୱାରହାଉସ୍ ସହିତ ନାମ୍ବିଆ, କେନିଆ, ଓମାନ, ପାରାଗୁଏ ଭଳି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ପ୍ରୟାସ ଥିଲା। ଏତଦ୍‌ବ୍ୟତୀତ ଏକ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ହକି କ୍ୟାଲେଣ୍ଡରରେ ଇଭେଣ୍ଟ ନିର୍ଦ୍ଧାରଣ କରିବାରେ ଅସୁବିଧାକୁ ଆଲୋକିତ କରିବା ପୂର୍ବରୁ ସମ୍ମାନଜନକ ଚାମ୍ପିଅନ୍ସ ଟ୍ରଫିକୁ ପୁନର୍ଜୀବିତ କରିବାକୁ ସଭାପତି ଇକ୍ରାମ ଇଚ୍ଛା ପ୍ରକାଶ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ